# ଅଲ୍ ଓଡ଼ିଶା ୟୁନିୟନ ବ୍ୟାଙ୍କ ଏମ୍ପ୍ଲୟୀଜ୍ ଆସୋସିଏସନ୍
# ALL ODISHA UNION BANK EMPLOYEES ASSOCIATION (AOUBEA)

## ୪୦ ବର୍ଷ ପୂର୍ତ୍ତି ସମାରୋହ

### ସଂଗଠନର ପ୍ରତିବେଦନ

ସଭାପତି ମଣ୍ଡଳୀର ସାଥୀଗଣ, ଅଲଇଣ୍ଡିଆ ୟୁନିଅନ ବ୍ୟାଙ୍କ ଏମ୍ପ୍ଲୟୀଜ୍ ଫେଡ଼େରେସନ AUBEF ର କର୍ମକର୍ତ୍ତାବୃନ୍ଦ, ଆମ ସଂଗଠନର ଏହି ଆବେଗଭରା ସମାବେଶରେ ଉପସ୍ଥିତ ସଂଗଠନର ପୂର୍ବତନ ଏବଂ ବର୍ତ୍ତମାନ ସଦସ୍ୟ ସାଥୀ ଭାଇ ଓ ଭଉଣୀ ଗଣ-

ସର୍ବପ୍ରଥମେ ଏଠାରେ ଉପସ୍ଥିତ ସମସ୍ତଙ୍କୁ ଆମ ସଂଗଠନ ତରଫରୁ ସଂଗ୍ରାମୀ ଅଭିନନ୍ଦନ ଜଣାଉଛି । ମୁଁ ଆପଣମାନଙ୍କ ସମ୍ମୁଖରେ ଏହି ପ୍ରତିବେଦନ ଉପସ୍ଥାପିତ କରିବାର ସୁଯୋଗ ପାଇ ନିଜକୁ ଧନ୍ୟ ମନେ କରୁଛି । ମୁଁ ଏଠି ଆମ ସଂଗଠନର ୪୦ ବର୍ଷର ଇତିହାସ ବର୍ଣ୍ଣନା କରିବାକୁ ଯାଉନାହିଁ । କାରଣ ଆମ ସଂଗଠନର ୪୦ ବର୍ଷର ଇତିହାସ ଏକ ପୁସ୍ତିକା ଆକାରେ ପ୍ରକାଶ କରବାର ଇଚ୍ଛା ଆମର ଅଛି । ଯାହା ଏହିଭଳି ଏକ ସମାରୋହରେ ଉପସ୍ଥାପିତ କରିବା ସମ୍ଭବ ନୁହେଁ । ତେଣୁ ଏହି ପ୍ରତିବେଦନରେ ଆମ ସଂଗଠନର ବିଗତ ୪୦ ବର୍ଷର କେତେକ ଗୁରୁତ୍ୱପୂର୍ଣ୍ଣ ସୁଖ ଦୁଃଖ ଭରା ମୁହୂର୍ତ୍ତ ଗୁଡିକ ତୋଳି ଧରିବାକୁ ଚେଷ୍ଟା କରିଛୁ । ଆମେ ମନେ ପକେଇଛୁ ସେହି ସମସ୍ତ ପୂର୍ବତନ ସାଥୀମାନଙ୍କୁ ଯେଉଁ ମାନଙ୍କର ସଂଘର୍ଷ ଓଡ଼ିଶାରେ ଆମ ସଂଗଠନକୁ ଆଜି ଏହି ସ୍ଥିତିରେ ପହଞ୍ଚାଇ ପାରିଛି । ୪୦ ବର୍ଷର ଇତିହାସ ଘାଣ୍ଟି ଲେଖିଲାବେଳକୁ କିଛି ଘଟଣାର ଉଲ୍ଲେଖ ନ ଥାଇପାରେ । ସେଥିପାଇଁ ଆମେ କ୍ଷମା ମାଗି ନେଉଛୁ । ଆମର ଆଶା ଏଠାରେ ଉପସ୍ଥିତ ସାଥୀମାନେ ସେମାନଙ୍କ ବକ୍ତବ୍ୟରେ ସେ ସମସ୍ତ ଘଟଣା ଏବଂ ସାଥୀମାନଙ୍କ ନିଜସ୍ୱ ଅଭିମତ ଉପସ୍ଥାପିତ କରିବେ ଯାହା ଆମକୁ ସାହାଯ୍ୟ କରିବ ଆମ ପ୍ରିୟ ସଂଗଠନର ଏକ ପୂର୍ଣ୍ଣାଙ୍ଗ ଇତିହାସ ଲେଖିବାକୁ ।

### AOUBEA ପ୍ରତିଷ୍ଠା ହେବାପୂର୍ବର କଥା

ଆମ ରାଜ୍ୟରେ ୟୁନିୟନ ବ୍ୟାଙ୍କ ଅଫ ଇଣ୍ଡିଆର ପ୍ରବେଶ ହୋଇଥିଲା ୧୯୬୬ ମସିହା ଅଗଷ୍ଟ ୨୩ ତାରିଖରେ ରାଉରକେଲାରେ ବ୍ୟାଙ୍କର ପ୍ରଥମ ଶାଖା ଖୋଲିବା ମାଧ୍ୟମରେ । ସେତେବେଳେ ବ୍ୟାଙ୍କ୍ ଜାତୀୟ କରଣ ହୋଇ ନ ଥିଲା । ତା'ପରେ ୨ୟ ଶାଖା ଖୋଲିଲା କଟକରେ ଅଗଷ୍ଟ ୨୭ ତାରିଖରେ । ୧୯୬୬ରୁ ୭୩ ଏହି ଦୀର୍ଘ ୭ବର୍ଷ ଧରି ରାଜ୍ୟରେ ୟୁନିୟନ ବ୍ୟାଙ୍କର ଆଉ କୌଣସି ଶାଖା ଖୋଲି ନଥିଲା । ୨ଟି ଶାଖାର କର୍ମଚାରିମାନେ ମଧ୍ୟ ଏକ ରାଜ୍ୟ ସ୍ତରୀୟ ସଂଗଠନ ଗଢ଼ିବାର ପ୍ରୟୋଜନ ଅନୁଭବ କରି ନଥିଲେ । କିନ୍ତୁ ୨ଟି ଶାଖାରେ ଶାଖାସ୍ତରୀୟ ୟୁନିୟନ ଗଠନ ହୋଇଥିଲା ଏବଂ ଉଭୟ ଶାଖାର ୟୁନିୟନ ଆମ ବ୍ୟାଙ୍କ୍ କର୍ମଚାରିଙ୍କର ସର୍ବଭାରତୀୟ ସଂଗଠନ AIUBEF ସହିତ ଅନୁବନ୍ଧିତ ହୋଇ କାର୍ଯ୍ୟ କରୁଥିଲା । AIUBEF ର ତଦାନୀନ୍ତନ ସାଧାରଣ ସଂପାଦକ ଆମର ପ୍ରିୟ ବର୍ଦ୍ଧନଦା ଥିଲେ ରାଉରାକେଲା ଶାଖା ୟୁନିୟନର ସଭାପତି । ଯଦିଓ ରାଜ୍ୟରେ ମାତ୍ର ୨ଟି ଶାଖା କାର୍ଯ୍ୟ କରୁଥିଲା ତଥାପି ରାଜ୍ୟର ବ୍ୟାଙ୍କ କର୍ମଚାରୀ ଆନ୍ଦୋଳନକୁ ଆମ ବ୍ୟାଙ୍କ କର୍ମଚାରୀ ସଂଗଠନ ଉଲ୍ଲେଖଯୋଗ୍ୟ ଭାବେ ପ୍ରଭାବିତ କରିଥିଲା । ସେଥିପାଇଁ ରାଜ୍ୟର ବ୍ୟାଙ୍କ କର୍ମଚାରୀ ଆନ୍ଦୋଳନରେ ୟୁନିୟନ ବ୍ୟାଙ୍କ କର୍ମଚାରୀଙ୍କର ଭୂମିକା ଓ ଆନ୍ଦୋଳନକୁ ସମସ୍ତେ ସମ୍ମାନ କରନ୍ତି । ସେହି ସମୟରେ ଆମର ରାଉରକେଲା ସାଥୀମାନଙ୍କର ଏକ ଆନ୍ଦୋଳନ ରାଉରକେଲା ତଥା ରାଜ୍ୟରେ ଚହଳ ପକାଇଥିଲା । ରାଉରକେଲା ଶାଖା ୟୁନିୟନର କର୍ମଚାରୀମାନେ ସେହି ସମୟରେ ଆରମ୍ଭ କରିଥିଲେ ରହିବା ଘର Housing accomodation ପାଇଁ ଆନ୍ଦୋଳନ । ଏହା ୧୯୭୧ର କଥା । ରହିବା ଘର ଦାବି କରି ଆମର ଅଗ୍ରଜମାନେ ଲଗାତର ଧର୍ମଘଟ ପର୍ଯ୍ୟନ୍ତ କରିଥିଲେ । ଅବଶେଷରେ ବ୍ୟାଙ୍କ ୧୨ଟି କ୍ୱାଟର ଭଡ଼ାରେ ନେଇ କର୍ମଚାରୀଙ୍କୁ ରିହିବା ପାଇଁ ଦେଇଥିଲା । ଷ୍ଟେଟ ବ୍ୟାଙ୍କ ପରେ ରାଉରକେଲାରେ ଆମ ବ୍ୟାଙ୍କ ୨ୟ ବ୍ୟାଙ୍କଭାବେ କର୍ମଚାରୀମାନଙ୍କୁ ରହିବା ପାଇଁ ଘର ଯୋଗାଇ ଦେଇଥିଲା । ଏହା ସମଗ୍ର ରାଜ୍ୟରେ ଏବଂ ବିଶେଷ କରି ରାଉରକେଲାରେ ଏକ ଉଲ୍ଲେଖଯୋଗ୍ୟ ଘଟଣା ଥିଲା । ଏହି ଆନ୍ଦୋଳନ ନେତୃତ୍ୱ ନେଇଥିଲେ ରାଉରକେଲା ଶାଖାର ସେତେବେଳକାର ସମ୍ପାଦକ ସାଥୀ ରାଧା କିଶୋର ଆଚାର୍ଯ୍ୟ । ଆଜି ସେ ଆଉ ଆମ ଗହଣରେ ନାହାନ୍ତି ।

ଏହାଛଡ଼ା ସେତେବେଳେ ରାଜ୍ୟରେ ଏ.ଆଇ.ବି.ଇ.ଏ.ର ରାଜ୍ୟ ସଂଗଠନ ଏ.ଓ ବି.ଇ.ଏଫ୍ ଅଚଳ ଅବସ୍ଥାରେ ଥାଏ । ଏ.ଆଇ.ବି.ଇ.ଏ କେନ୍ଦ୍ର ନେତୃତ୍ୱ ମଧ୍ୟ ଏ ବାବଦରେ କୌଣସି ଉଦ୍ୟମ ନେଇନଥିଲେ । କିନ୍ତୁ ସେତେବେଳେ କଟକରେ ଆମ ବ୍ୟାଙ୍କ ସହ ଅନ୍ୟ ବ୍ୟାଙ୍କ ଯଥା ବ୍ୟାଙ୍କ୍

ଅଫ୍ ବରୋଦା, ବ୍ୟାଙ୍କ ଅଫ୍ ଇଣ୍ଡିଆ, ୟୁକୋ ବ୍ୟାଙ୍କ ଇତ୍ୟାଦିର କର୍ମଚାରୀମାନେ ଉଦ୍ୟମ ନେଇଥିଲେ ଏ.ଓ.ବି.ଇ.ଏଫ୍.ର ଏକ ସମ୍ମିଳନୀ କଟକରେ କରାଇବାକୁ। ସେ କାର୍ଯ୍ୟରେ ୟୁନିୟନ୍ ବ୍ୟାଙ୍କ୍ କର୍ମଚାରିମାନେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନେଇଥିଲେ। ନେତୃତ୍ୱରେ ଥିଲେ ରାଜ କିଶୋର କର ତାଙ୍କର ସହଯୋଗୀ ଥିଲେ ଗୋବିନ୍ଦ ପ୍ରସାଦ ଦାସ। ସାଥୀ ବର୍ଦ୍ଧନଦାଙ୍କ ପରାମର୍ଶରେ କର ବାବୁ ଏଆଇବିଇଏର ଅଗଣତାନ୍ତ୍ରିକ କାର୍ଯ୍ୟକଳାପ ବିରୋଧରେ ଲଢ଼େଇ କରିଥିଲେ। ଯାହା ଫଳରେ ସେହି ୧୯୭୦ର ସମ୍ମିଳନୀରେ ଏଆଇବିଇଏ ନେତୃତ୍ୱର ପ୍ରରୋଚନାରେ କିଛି ଲୋକ କରବାବୁ ଓ ଗୋବିନ୍ଦ ଦାସଙ୍କୁ ଶାରିରୀକ ଆକ୍ରମଣ କରି ରକ୍ତାକ୍ତ କରିଥିଲେ। କିନ୍ତୁ ସମ୍ମିଳନୀକୁ ଏଆଇବିଇଏ ନେତୃତ୍ୱ ବନ୍ଦ କରି ପାରିନଥିଲେ। ଆମ ସାଥୀମାନେ ରକ୍ତାକ୍ତ ହୋଇ ମଧ୍ୟ ବର୍ଦ୍ଧନ ଦା ଓ ଅନ୍ୟାନ୍ୟ ନେତୃତ୍ୱଙ୍କ ଉପସ୍ଥିତିରେ କଟକର ଟାଉନହଲରେ ସମ୍ମିଳନୀ ଚଳାଇ ରଖିଥିଲେ। ୟୁକୋ ବ୍ୟାଙ୍କର ସାଥୀ ଅମଲ ଚକ୍ରବର୍ତ୍ତୀ ସଭାପତି ଏବଂ ବ୍ୟାଙ୍କ ଅଫ୍ ଇଣ୍ଡିଆର ସାଥୀ ଦାମୋଦର ପାଗଳ ସାଧାରଣ ସମ୍ପାଦକ ହୋଇଥିଲେ। ଆମ ବ୍ୟାଙ୍କରୁ ରାଜ କିଶୋର କର ସହକାରୀ ସମ୍ପାଦକ ହୋଇଥିଲେ।

ସେତେବେଳକାର ୩ୟ ଉଲ୍ଲେଖଯୋଗ୍ୟ ଘଟଣା ହେଲା ବ୍ୟାଙ୍କ ଜାତୀୟ କରଣ ପରେ ରାଜ୍ୟରେ ୟୁନିୟନ୍ ବ୍ୟାଙ୍କର ଅଧିକା ଶାଖା ଖୋଲିବା ପାଇଁ ଆନ୍ଦୋଳନ। ୧୯୬୬ ପରେ ୭ବର୍ଷ ବ୍ୟବଧାନରେ ୧୯୭୩ରେ ୨ଟି ଶାଖା ଖୋଲିଥିଲା (ଶାଖା ଖୋଲିବାର ହିସାବ ଅନ୍ୟତ୍ର ଦିଆଯାଇଛି)। ଏହି ଆନ୍ଦୋଳନରେ ମଧ୍ୟ ନେତୃତ୍ୱ ନେଇଥିଲେ ସାଥୀ ରାଜ କିଶୋର କର। ତାଙ୍କୁ ସହଯୋଗ କରୁଥିଲେ ସାଥୀ ପୁଲିସ ବିହାରୀ ମହାନ୍ତି, ନଳିନୀ ବିହାରୀ ମହାନ୍ତି, ଉମାକାନ୍ତ ବେହେରା, କେଦାରନାଥ ସ୍ୱାଇଁ ପ୍ରମୁଖ। କିନ୍ତୁ ରାଜ୍ୟ ସ୍ତରୀୟ ସଂଗଠନ ନଥିବାରୁ ଆନ୍ଦୋଳନ ତୀବ୍ର ହୋଇ ପାରୁନଥିଲା। ସମସ୍ତେ ଅନୁଭବ କରୁଥିଲେ ମଧ୍ୟ ଏକ ରାଜ୍ୟ ସ୍ତରୀୟ ସଂଗଠନ ଗଢ଼ା ଯାଇ ପାରିନଥିଲା। ସେତେବେଳେକୁ ଅନ୍ୟ ସମସ୍ତ ବ୍ୟାଙ୍କର ରାଜ୍ୟ ସଂଗଠନ ହୋଇସାରି ଥାଏ। କିନ୍ତୁ ଆମ ବ୍ୟାଙ୍କରେ କିଛି ହୋଇ ପାରୁନଥିଲା। ସଂଗଠନର ପୁରୁଣା ଫାଇଲ୍ ବା ଚିଠିପତ୍ର ଘାଣ୍ଟି ଆମେ ଯାହା ଜାଣିଛୁ ତାହା ହେଲା ସେତେବେଳେ ସାଥୀମାନଙ୍କ ଭିତରେ ଭଲ ସମ୍ପର୍କ ନଥିଲା ଏବଂ ତାହାହିଁ ରାଜ୍ୟ ସ୍ତରୀୟ ସଂଗଠନ ଗଢ଼ିବାରେ ବାଧା ସୃଷ୍ଟି କରିଥିଲା। ଏ ଦିଗରେ ସେତେବେଳକାର (Management) ମଧ୍ୟ ଚାହୁଁ ନଥିଲା ଏକ ରାଜ୍ୟ ସଂଗଠନ ତିଆରି ହେଉ। ସେଥିପାଇଁ ସେମାନେ ହିଁ କଟକ ଓ ରାଉରକେଲା କର୍ମଚାରୀଙ୍କ ମଧ୍ୟରେ ବିବାଦ ସୃଷ୍ଟି କରେଇଥିଲେ। ପରବର୍ତ୍ତୀ ସମୟରେ ୧୯୭୪ରେ ରାଉରକେଲା ଶାଖାର ସେତେବେଳର ସମ୍ପାଦକ ପ୍ରମୋଦ କୁମାର ନାୟକ କଟକ, ସମ୍ବଲପୁର, ଝାରସୁଗୁଡା, ଅନୁଗୁଳ ପ୍ରଭୃତି ବ୍ରାଞ୍ଚକୁ ଚିଠି ଲେଖିଥିଲେ ଏବଂ କଟକ ଯାଇ କିଛି ଆଲୋଚନା କରିଥିଲେ। ସେତେବେଳକୁ କରବାବୁ, ପୁଲିନ ବାବୁ, ଉମା ବାବୁ ଅଫିସର ହୋଇ ଯାଇଥିଲେ ତେଣୁ ତାଙ୍କର ସେ ଉଦ୍ୟମ ମଧ୍ୟ ସଫଳ ହୋଇନଥିଲା। କିନ୍ତୁ ରାଜ୍ୟ ସଂଗଠନ ଗଢ଼ିବାର ଉଦ୍ୟମ ରାଉରକେଲାରେ ଜାରି ରହିଥିଲା। ଏହା ହେଉଛି ଆମ ରାଜ୍ୟ ସଂଗଠନ ଗଢ଼ିବା ପୂର୍ବ ସମୟର ଇତିହାସ।

## ରାଜ୍ୟ ସଂଗଠନ AOUBEA ଗଢ଼ିବାର ଇତିହାସ

୧୯୭୩ ଡ଼ିସେମ୍ବରରୁ ୧୯୭୫ ଡ଼ିସେମ୍ବର ମଧ୍ୟରେ ରାଜ୍ୟରେ କିଛି ନୂଆ କର୍ମଚାରୀ ବ୍ୟାଙ୍କରେ ଯୋଗ ଦେଇଥିଲେ। ସେମାନଙ୍କ ମଧ୍ୟରେ ରାଉରକେଲାରେ ମୁଁ ଏବଂ ସାଥୀ ଶେଖର ନାୟକ ମଧ୍ୟ ଥିଲେ। ସେହି ସମୟରେ ରାଜ୍ୟରେ ଆମ ବ୍ୟାଙ୍କରେ କର୍ମଚାରୀମାନେ ଖୁବ୍ ଶୀଘ୍ର Promotion ପାଉଥିଲେ। ତେଣୁ Senior କର୍ମଚାରୀମାନେ ଶୀଘ୍ର Promotion ପାଉଥିବାରୁ ଦାୟୀତ୍ୱ ନେବା ପାଇଁ କେହି ଆଗେଇ ଆସୁନଥିଲେ। ଏପରିକି ବ୍ରାଞ୍ଚରେ ମଧ୍ୟ ୟୁନିୟନର President ବା Secretary ହେବାକୁ କେହି ଚାହୁଁ ନଥିଲେ। ତଥାପି ରାଉରକେଲାରେ ୟୁନିୟନ୍‌ର କିଛି କାର୍ଯ୍ୟ ଚାଲିଥାଏ। ଏହିପରି ଅବସ୍ଥାରେ ସାଥୀ ଶେଖର ନାୟକ ଓ ମୁଁ ରାଉରକେଲା ବ୍ରାଞ୍ଚ ୟୁନିୟନ୍‌ର ଦାୟୀତ୍ୱ ନେଲୁ। ଆମେ ରାଜ୍ୟ ସଂଗଠନ ଗଢ଼ିବା ପାଇଁ କଲିକତା ଯାଇ AIUBEF ନେତୃତ୍ୱ ସହିତ ଆଲୋଚନା କଲୁ। ବର୍ଦ୍ଧନ ଦା ସହିତ ଦେଖା କଲୁ। ସେ ଆମକୁ କମ୍ରେଡ୍ ଜିୟାଉଦ୍ଦିନ୍ ସହ ପରିଚୟ କରାଇଲେ। ଆମେ ତାଙ୍କ ସହ ଆଲୋଚନା କଲୁ। ସେମାନେ ଆମକୁ ଅନ୍ୟ ବ୍ରାଞ୍ଚର କର୍ମଚାରୀଙ୍କ ସହ ଯୋଗାଯୋଗ କରିବା ପାଇଁ ପରାମର୍ଶ ଦେଲେ। କିନ୍ତୁ ହଠାତ୍ ୨୬.୬.୭୫ରେ ଦେଶରେ ଇମାର୍ଜେନ୍ସି ଜାରୀ ହେବା ଫଳରେ ଜିୟାଦ ଆମକୁ ଅପେକ୍ଷା କରିବାକୁ କହିଲେ। ଏହି ଇମାର୍ଜେନ୍ସି ସମୟରେ କର୍ମଚାରୀଙ୍କ ଉପରେ କର୍ତ୍ତୃପକ୍ଷଙ୍କର ଆକ୍ରମଣ ଆହୁରି ତୀବ୍ର ହେଲା। କର୍ଚାରୀମାନଙ୍କୁ ଅଧିକ ସମୟ କାମ କରିବାକୁ ପଡୁଥିଲା। ସେତେବେଳେ ବ୍ରାଞ୍ଚ ମ୍ୟାନେଜରମାନେ କହୁଥିଲେ "Sundays are not holidays for Bank employees" ବା "During closing time Bank employees should forget about their families"। ଅବଶ୍ୟ ରାଉରକେଲାରେ କିନ୍ତୁ ଏହି ଧରଣର ଆଚରଣ କର୍ତ୍ତୃପକ୍ଷ କରୁନଥିଲେ। ୧୮.୦୧.୭୭ରେ ଇମାର୍ଜେନ୍ସି ଉଠିଲା। ଆମେ ପୁଣି ସକ୍ରିୟ ହେଲୁ। ସେହି ସମୟର ୨ଟି ଘଟଣା ମଧ୍ୟ ଆମକୁ କର୍ମଚାରୀମାନଙ୍କୁ ବୁଝାଇବାକୁ ସାହାଯ୍ୟ କଲା। ଆଗରୁ କହିଛି ଆମ ବ୍ୟାଙ୍କରେ ଓଡ଼ିଶାରେ ସେତେବେଳେ ପ୍ରବଳ ପ୍ରମୋଶନ ହେଉଥାଏ। ବ୍ୟାଙ୍କର ନିୟମ ଅନୁସାରେ ଅଫିସର ହେବାପାଇଁ କୌଣସି ପରୀକ୍ଷାର ବ୍ୟବସ୍ଥା ନଥିଲା। Seniority ଅନୁସାରେ Special Assistant ଏବଂ Special Assistant ରୁ ପୁନଃରାୟ Seniority ହିସାବରେ Accountant। କିନ୍ତୁ Special Assistant ହେବାପାଇଁ ୩ ବର୍ଷ ଚାକିରୀ ପ୍ରୟୋଜନ। ଅବସ୍ଥା ଏପରି ହେଲା ଯେ ଓଡ଼ିଶାରେ ୩ବର୍ଷ ଚାକିରୀ କରୁଥିବା କର୍ମଚାରୀ ମିଳିଲେ ନାହିଁ। ସେହି ସମୟରେ ୩ଟି Special Assistant ଖାଲି ହୋଇଥାଏ। କିନ୍ତୁ ଓଡ଼ିଶାରେ କେହି ୩ବର୍ଷ ଚାକିରୀ ପୂରା କରିଥିବା କର୍ମଚାରୀ ନଥିଲେ। ତେଣୁ ସମସ୍ତେ Officiate

କରୁଥିଲେ । ବ୍ୟାଙ୍କ Special Asst ପଦବୀ ପୂରଣ କରିବା ପାଇଁ ନିୟମାନୁସାରେ ରାଜ୍ୟରେ କେହି ୩ବର୍ଷ ଚାକିରୀ ପୂରା କରିନଥିବାରୁ ସମଗ୍ର Zone ରେ ସରକୁଲାର ଯାଇଥିଲା । ଫଳରେ ପ.ବଙ୍ଗରୁ (କଲିକତା) ୨ଜଣ ସାଥୀ ତାପସ ଭଟ୍ଟାଚାର୍ଯ୍ୟ ଏବଂ ସୁଦର୍ଶନ ସରକାର ରାଉରକେଲା ଏବଂ ଝାରସୁଗୁଡ଼ାରେ Special assistant ଭାବରେ ଯୋଗ ଦେଲେ । ସାଥୀ ନିମାଇଁ ପ୍ରଧାନ କଟକରେ Special Asst ହେଲେ । କିନ୍ତୁ ଓଡ଼ିଶାର କର୍ମଚାରୀମାନେ ଚାହୁଁଥିଲେ ବ୍ୟାଙ୍କ Circular ନକରୁ । Officiating ରେ ଯେମିତି ଚାଲିଥିଲା ସେମିତି ଚାଲୁ ଆଉ ମାସେ ଦୁଇମାସ । ତା' ପରେ ସାଥୀ ବିକାଶ ମହାପାତ୍ର ଓ ସାଥୀ ସଚ୍ଚିଦାନନ୍ଦ ସ୍ୱାଇଁ ମଧ୍ୟ Elligible ହୋଇଯିବେ ଏବଂ Special Asst ହୋଇପାରିବେ । କିନ୍ତୁ Management ଶୁଣିଲା ନାହିଁ । କର୍ମଚାରୀମାନେ ବୁଝିଲେ ରାଜ୍ୟ ସ୍ତରୀୟ ଏକ ସଂଗଠନ ନହେଲେ ରାଜ୍ୟରେ କାମ କରୁଥିବା କର୍ମଚାରୀଙ୍କର ସ୍ୱାର୍ଥରକ୍ଷା କରିହେବ ନାହିଁ । ତେଣୁ ସମସ୍ତେ ଚାହିଁଲେ ଏକ ରାଜ୍ୟ ସ୍ତରୀୟ ସଂଗଠନ । ସେତେବେଳେ ରାଜ୍ୟରେ ୧୩ଟି ଶାଖା ଥିଲା । ଆମେ ଶାଖାଗୁଡ଼ିକ ସହ ଯୋଗାଯୋଗ ଆରମ୍ଭ କଲୁ । ସାଥୀ ଶେଖର ଓ ମୁଁ ବିଭିନ୍ନ ଶାଖା ବୁଲି କର୍ମଚାରୀମାନଙ୍କ ସହ ଆଲୋଚନା କଲୁ । ସେତେବେଳେ ଆମର ଚାକିରୀ ମାତ୍ର ୨ବର୍ଷ ହୋଇଥାଏ । କର୍ମଚାରୀମାନଙ୍କର ଆମ ଉପରେ ଭରସା ବି ହେଉନଥାଏ । କିନ୍ତୁ ଉପାୟ ମଧ୍ୟ ନଥିଲା । ସମସ୍ତ ସିନିୟର କର୍ମଚାରୀ ତ ପ୍ରମୋଶନ ପଛରେ । ସୁତରାଂ କର୍ମଚାରୀମାନେ ବାଧ୍ୟ ହୋଇ ଆମ କଥା ଶୁଣୁଥାନ୍ତି । ଏହି ସମୟରେ ଆମ କଲିକତା ନେତୃତ୍ୱର ପରାମର୍ଶ ଅନୁସାରେ ଭୁବନେଶ୍ୱରରେ ଥିବା ୟୁକୋ ବ୍ୟାଙ୍କର ନେତା ସାଥୀ ଅମଲ ଚକ୍ରବର୍ତ୍ତୀଙ୍କ ସହ ଯୋଗାଯୋଗ କଲୁ । ସେ ଆମକୁ Guide କଲେ । ସାଥୀ ଶେଖର ଏବଂ ମୁଁ ରାଉରକେଲାରୁ ବାହାରି ଭଦ୍ରକ ଯାଜପୁର ହୋଇ କଟକରେ ପହଞ୍ଚିଲୁ । ତା' ପୂର୍ବରୁ ପଶ୍ଚିମ ଓଡ଼ିଶାର ବ୍ରାଞ୍ଚ ବୁଲି ସାରିଥାଉ । କଟକରେ ସାଥୀମାନେ ଆମ ସହ ଭଲ ଭାବରେ କଥା ମଧ୍ୟ ହେଲେ ନାହିଁ । କଟକରେ ସେତେବେଳେ Union ବୋଲି କିଛି ନଥିଲା । କେବଳ ଜଣେ ସାଥୀ Union ର ସର୍ବ ଭାରତୀୟ ସର୍କୁଲାର ଗୁଡ଼ିକ ଫାଇଲ କରି ରଖିଥାନ୍ତି । ସେ ହେଲେ ସାଥୀ ଦୁର୍ଯ୍ୟୋଧନ ଦାସ । ସେ ପ୍ରଥମେ କଲିକତାରେ ଆମ ବ୍ୟାଙ୍କରେ ଚାକିରୀ ଆରମ୍ଭ କରିଥିଲେ । ପରେ କଟକ ବ୍ରାଞ୍ଚ ଖୋଲିଲା ପରେ, ସେ କଲିକତାରୁ ବଦଳି ହୋଇ ଆସିଥିଲେ । ସେଥିପାଇଁ ସେ ହିଁ ଆମ ସହ କିଛି କଥାବାର୍ତ୍ତା କରିଲେ । ଆମେ କିନ୍ତୁ କଟକ ବ୍ରାଞ୍ଚ ଗଲାପରେ ନିରୁତ୍ସାହିତ ହୋଇଗଲୁ । କାରଣ କଟକରେ ସବୁଠୁଁ ଅଧିକା କର୍ମଚାରୀ । ଯାହା ହେଉ ଆମେ ଭୁବନେଶ୍ୱରେ ପହଞ୍ଚିଲୁ । ସେଠି ଯାଇ ଆମେ ଦେଖିଲୁ ପରିସ୍ଥିତି ସମ୍ପୂର୍ଣ୍ଣ ଭିନ୍ନ । ସାଥୀ ଗୌରାଙ୍ଗ ଦଳେଇଙ୍କୁ ଛାଡ଼ିଲେ ସମସ୍ତେ ଆମରି ଭଳି ବା ଆମଠୁ Junior । ସାଥୀ ସରୋଜ ମହାନ୍ତି ଜାମସେଦପୁରରୁ ବଦଳି ହୋଇ ଆସିଥାନ୍ତି । ବିହାରରେ ବହୁ ଆଗରୁ State Body ଥିଲା । ତେଣୁ ତାଙ୍କର State Body ବାବଦରେ ଅଭିଜ୍ଞତା ଥିଲା । ତା'ଛଡ଼ା କିଛି ନୂଆ ସାଥୀଙ୍କର ଉତ୍ସାହ ମଧ୍ୟ ଆମକୁ ପ୍ରେରଣା ଦେଲା । ସେମାନଙ୍କ ମଧ୍ୟରେ ଥିଲେ ସାଥୀ ସୁବ୍ରତ ଦେ ରାୟ (ପରେ ଚାକିରୀ ଛାଡ଼ି ଦେଇଥିଲେ) ଅଶୋକ ପଟ୍ଟନାୟକ, ମନୋରଞ୍ଜନ ପଟ୍ଟନାୟକ ପ୍ରମୁଖ । ଆଗରୁ ବ୍ରହ୍ମପୁରର ସାଥୀ ଚାରୁ ନାୟକଙ୍କ ସହ ମଧ୍ୟ ଯୋଗାଯୋଗ ହୋଇଥିଲା । ଆମେ ସମସ୍ତେ ଆଲୋଚନା କଲୁ । ନିଷ୍ପତ୍ତି ହେଲା, ଶେଖର ମୁଁ ଏବଂ ଦଳେଇ ବାବୁ କଲିକତା ଯିବୁ । ସେଠି ବର୍ଦ୍ଧନଦା ଓ ଜିଆଦା ଏମାନଙ୍କ ସହ କଥାବାର୍ତ୍ତା କରି ପ୍ରତିଷ୍ଠା ସମ୍ମିଳନୀର ତାରିଖ ଠିକଣା କରିବୁ । ସମ୍ମଳନୀ ଭୁବନେଶ୍ୱରରେ ହେବ ଏବଂ ସାଥୀ ଅମଲ ଚକ୍ରବର୍ତ୍ତୀ Reception Committee Chairman ରହିବେ । ତା'ପରେ କଲିକତା ଯାଇ ଆଲୋଚନା କରି ଦିନ ଠିକ୍ ହେଲା ୧୯୭୭ ଅଗଷ୍ଟ ୭ । ପଶ୍ଚିମବଙ୍ଗ ୟୁନିୟନର ସମ୍ବିଧାନ ଆଣିଲୁ, ସେହି ଅନୁସାରେ ଆମର ସମ୍ବିଧାନ ତିଆରି ହେଲା । କମ୍ରେଡ଼ ଜିୟାଉଦ୍ଦିନ ଆହମେଦ କଲିକତାରୁ ଆସି ଆମ ସମ୍ମିଳନୀରେ ଯୋଗ ଦେବାର ନିଷ୍ପତ୍ତି ହେଲା । କିନ୍ତୁ Management ପୁଣି ଚେଷ୍ଟା କଲା State Body କରେଇ ନଦେବା ପାଇଁ । ଯାହା ଫଳରେ କଟକର ସାଥୀମାନେ State Body ପାଇଁ କୌଣସି ଆଗ୍ରହ ଦେଖାଇଲେ ନାହିଁ । ଯଦିଓ ସମ୍ମିଳନୀର Invitation Card ରେ ଆବାହକ ଭାବରେ ଦଳେଇ ବାବୁ, ଶେଖର ନାୟକ ଓ କଟକର ରବି ଦାସଙ୍କର ନାଁ ଥିଲା, କିନ୍ତୁ ସମ୍ମିଳନୀରେ ରବିବାବୁ ଆସିଲେ ନାହିଁ । କଟକରୁ ମାତ୍ର ୩ଜଣ ସାଥୀ ଦୁର୍ଯୋଧନ ଦାସ, ସାଥୀ ନିରଂଜନ ନାଏକ ଏବଂ ସାଥୀ ଦେବୀ ପ୍ରସାଦ ପରିଜା ସମ୍ମିଳନୀରେ ଯୋଗ ଦେଇଥିଲେ । ଯାହା ହେଉ ସେତେବେଳକାର ଭୁବନେଶ୍ୱର ସାଥୀମାନଙ୍କର ଅକ୍ଲାନ୍ତ ଚେଷ୍ଟାରେ ସମ୍ମିଳନୀ ଅନୁଷ୍ଠିତ ହେଲା । ମୁଁ ଏଠି ସମ୍ମିଳନୀର ବିସ୍ତୃତ ବିବରଣୀ ଦେଇ ଏହାର ଆକାର ବଢ଼ାଇବାକୁ ଚାହେଁନା । କେବଳ ଗୋଟିଏ ଉଦାହରଣ ଦେଲେ ଆପଣମାନେ ସେତେବେଳକାର ପରିସ୍ଥିତି ବାବଦରେ ଜାଣିପାରିବେ । ଆମେ ସମସ୍ତେ ଚାହିଁଲୁ- ଭୁବନେଶ୍ୱରରୁ ଦଳେଇ ବାବୁ ସାଧାରଣ ସମ୍ପାଦକ ହେବେ ଏବଂ ସଭାପତି କଟକରୁ ରବି ବାବୁ ହେବେ । କିନ୍ତୁ ରବିବାବୁ ଆଦୌ ସମ୍ମିଳନୀକୁ ଆସିଲେ ନାହିଁ । ଆମେ କିନ୍ତୁ ଚାହିଁଲୁ ଯାହା ବି ହେଉ କଟକରୁ ଜଣଙ୍କୁ ସଭାପତି କରିବାକୁ ପଡ଼ିବ, ନହେଲେ କଟକର ସାଥୀମାନେ Involve ହେବେ ନାହିଁ । ଶେଷରେ ବାଧ୍ୟ ହୋଇ ସାଥୀ ଦେବୀ ପରିଜାଙ୍କୁ ସଭାପତି କରାଗଲା । ସେତେବେଳେ ସାଥୀ ଦେବୀର ଚାକିରୀ ୮ମାସ ପୂରୀ ୯ମାସ ଚାଲୁଥାଏ । ସାଥୀ ପରିଜା ସଭାପତି ହେବା ପାଇଁ ରାଜି ହବାଟାହିଁ ଆମ ସମସ୍ତଙ୍କ ପାଖରେ ଥିଲା ବଡ଼ କଥା । ସାଥୀ ଶେଖର ନାୟକ ଉପସଭାପତି ହେଲେ ଏବଂ AIUBEF ରେ କେନ୍ଦ୍ର କମିଟି ସଭ୍ୟ ମଧ୍ୟ ହେଲେ । ସେହି ସମୟରେ ସାଥୀ ନାୟକ ଥିଲେ କେନ୍ଦ୍ର କମିଟିର ସର୍ବ କନିଷ୍ଠ ସଦସ୍ୟ । ବହୁ ଘାତ ପ୍ରତିଘାତ ଭିତରେ ଅବଶେଷରେ ୧୯୭୭ ଅଗଷ୍ଟ ୭ରେ ଭୁବନେଶ୍ୱରରେ ଜନ୍ମ ନେଲା ଆମ ସମସ୍ତଙ୍କ ପ୍ରିୟ ସଂଗଠନ ।

## ସଂଗଠନର ଜନ୍ମରୁ ହିଁ ଲଢ଼େଇ ଆରମ୍ଭ

AOUBEAର ପ୍ରତିଷ୍ଠା ସମ୍ମିଳନୀରେ ୧୩ଟି ବ୍ରାଞ୍ଚର ଉପସ୍ଥିତି ସାଥୀମାନେ ସେମାନଙ୍କର ବିଭିନ୍ନ ସମସ୍ୟା କଥା କହିଥିଲେ ଏବଂ ସେମାନଙ୍କ ଉପରେ ହେଉଥିବା ଅନ୍ୟାୟ ବାବଦରେ ବର୍ଣ୍ଣନା କରିଥିଲେ । ସବୁଠାରୁ ମର୍ମସ୍ପର୍ଶୀ ଥିଲା କେନ୍ଦ୍ରାପଡାରେ ସାଥୀ ପ୍ରେମାନନ୍ଦ ପାଢ଼ୀଙ୍କୁ

ସେଠାକାର Accountant ଅବଦୁଲ ସଲିମ୍ ଖାଁଙ୍କର ଦୁର୍ବ୍ୟବହାର ଏବଂ ଚାପୁଡା ମାରିବା । ସମ୍ମିଳନୀ ପରଦିନ ହିଁ ସମ୍ମିଳନୀର ନିଷ୍ପତ୍ତି ଅନୁସାରେ ଏକ ପ୍ରତିନିଧି ଦଳ କେନ୍ଦ୍ରାପଡା ଗଲେ ଏବଂ ସେଠାକାର ଶାଖା ପରିଚାଳକଙ୍କ ନିକଟରେ ତୀବ୍ର ପ୍ରତିବାଦ କରାଗଲା । କିନ୍ତୁ ସେତେବେଳକୁ ଶାଖା ପରିଚାଳକଙ୍କ ରିପୋର୍ଟ ଭିତ୍ତିରେ ସାଥୀ ପାଢ଼ୀଙ୍କୁ ସସ୍‌ପେଣ୍ଡ୍ କରିବା ପାଇଁ ନିଷ୍ପତ୍ତି ନିଆ ହୋଇଯାଇଥାଏ । ଆମେ କେନ୍ଦ୍ରାପଡାରେ ପ୍ରତିବାଦ କରୁଥାଉ ଏବଂ ସମ୍ମିଳନୀରୁ କଲିକତା ଫେରି ସାଥୀ ଜିୟାଉଦ୍ଦିନ ସେଠାରେ ଥିବା ଆମ ରିଜଓନାଲ ଅଫିସରେ ଯାଇ ପ୍ରତିବାଦ କରିଥିଲେ । ଜିୟାଦା ଏଠୁ ଶୁଣିଥିବା ଘଟଣା କର୍ତ୍ତୃପକ୍ଷଙ୍କୁ ଜଣାଇଲେ । ଏକ ତରଫାଭାବରେ ସାଥୀ ପାଢ଼ୀଙ୍କ ଉପରେ କୌଣସି କାର୍ଯ୍ୟାନୁଷ୍ଠାନ ନ କରିବା ପାଇଁ ସେ ଦାବି କଲେ । ଆମର ବିକ୍ଷୋଭ ଓ ତାଙ୍କର ବିରୋଧିତା ଯୋଗୁଁ କର୍ତ୍ତୃପକ୍ଷ ପଛକୁ ହଟିଲେ । ସିଦ୍ଧାନ୍ତ ହେଲା ସାଥୀ ପାଢ଼ୀଙ୍କୁ କଟକ ବଦଳି କରାଯିବ ଏବଂ ସେଠାକାର ଶାଖାପରିଚାଳକଙ୍କ ରିପୋର୍ଟ ଭିତ୍ତିରେ ତାଙ୍କୁ ଚାକିରୀରେ Confirm କରାଯିବ । ଏହି କଥା ହେବାର କିଛି ଦିନ ପରେ ପାଟନାରେ ଏକ ନୂଆ Regional office ଖୋଲିଲା । ବିହାର ଓ ଓଡ଼ିଶାର ବ୍ରାଞ୍ଚ ଗୁଡିକୁ ଏହି ରିଜିଓନାଲ ଅଫିସର ପରିସରଭୁକ୍ତ କରାଯାଇଥିଲା । ନୂଆ ରିଜିଓନାଲ ଅଫିସ ସାଥୀ ପାଢ଼ୀଙ୍କୁ କଲିକତା ରିଜିଓନାଲ ଅଫିସରେ ହୋଇଥିବା ଆଲୋଚନା ଅନୁସାରେ କଟକକୁ ବଦଳି ନ କରି ଜୟପୁର ବଦଳି କରିଥିଲା । ୟୁନିୟନ୍ ତରଫରୁ ପ୍ରତିବାଦ ହେଲା । ଆମେ ପାଟନା ଗଲୁ । କଲିକତା ଜୋନାଲ ଅଫିସ୍‌ରେ ମଧ୍ୟ ପ୍ରତିବାଦ ହେଲା । ଶେଷରେ ନିଷ୍ପତ୍ତି ହେଲା ସାଥୀ ପାଢ଼ୀଙ୍କର ଜୟପୁର ବଦଳିକୁ Deputation ହିସାବରେ ଧରାଯିବ ଏବଂ ଅବଶେଷରେ ତାଙ୍କୁ କଟକକୁ ବଦଳି କରାଗଲା । ସାଥୀ ପାଢ଼ୀ ଯେତେଦିନ ଜୟପୁରରେ ଥିଲେ ସେତେଦିନ ପାଇଁ Diem allownce ବ୍ୟାଙ୍କ ଦେଲା ଏବଂ ଜୟପୁରରେ ଥିବା ଅବସ୍ଥାରେ ସେ ଚାକିରିରେ Confirm ମଧ୍ୟ ହେଲେ । ଏହା ଥିଲା ୟୁନିୟନ୍‌ର ପ୍ରଥମ ବିଜୟ । ତା'ପରେ ଶାଖା ପରିଚାଳକଙ୍କ ରିପୋର୍ଟ ଭିତ୍ତିରେ ସାଥୀ ପାଢ଼ୀଙ୍କୁ ଚାର୍ଜସିଟ୍ କରାଯାଇ Inquiry ଆରମ୍ଭ ହେଲା । ଜିୟାଦା ଆସିଲେ Inquiry ରେ Defend କରିବାକୁ । ମୋତେ ୟୁନିୟନ୍ ତରଫରୁ ରାଉରକେଲାରୁ କଟକ ପଠାଗଲା ଜିୟାଦା ପାଖରୁ Inquiry ରେ Defend କରିବା ଶିଖିବା ପାଇଁ । ତା'ର କିଛିଦିନ ପରେ ଭୁବନେଶ୍ୱରରେ ସାଥୀ ହରି ଭୋଇଙ୍କର ମଧ୍ୟ ଏକ Inquiry ହୋଇଥିଲା । ଜିୟାଦା Defend କରିଥିଲେ ଏବଂ ମୁଁ ଓ ଗିରୀଶ ବାବୁ ତାଙ୍କ ପାଖରେ ସହକାରୀ ଭାବରେ ରହି Inquiry ଶିଖୁଥିଲୁ । ଯାହା ହେଉ ୨ଟି ଯାକ Inquiry ରେ ସାଥୀମାନଙ୍କୁ ରକ୍ଷା କରାଯାଇ ପାରିଥିଲା । ସେହି ସମୟରେ ବ୍ରହ୍ମପୁରରୁ ସାଥୀ ଚାରୁ ନାୟକ ଏବଂ ରାଉରକେଲାରୁ ସାତୀ ଶେଖର ନାୟକ ଏବଂ ମୁଁ ବିଭିନ୍ନ ଶାଖା ବୁଲି କର୍ମଚାରୀ ମାନଙ୍କର ବିଭିନ୍ନ ସମସ୍ୟା ସମାଧାନ କରିବାକୁ ଚେଷ୍ଟା କରୁଥାଉ । ଆମେ ସମସ୍ତେ ମଧ୍ୟ ନିୟମକାନୁନ ବାବଦରେ ସଚେତନ ନଥିଲୁ । ବ୍ୟାଙ୍କର ସେ ସମୟର ସମସ୍ତ ସର୍କୁଲାର୍ ଏବଂ Bipartile Settlement Ist & 2nd କୁ ପଢ଼ି ଭଲ ଭାବରେ ବୁଝିବାକୁ ଚେଷ୍ଟା କରୁଥିଲୁ । ରାଜ୍ୟର AIBEA ସଂଗଠନ ମଧ୍ୟ ଆମକୁ କିଛି ସାହାଯ୍ୟ କରୁନଥିଲେ । ସବୁ କଥାରେ ଆମକୁ କଲିକତା ଯୌଡ଼ିବାକୁ ପଡୁଥିଲା । ତେଣୁ ଆମେ ନିଜ ଗୋଡରେ ଠିଆ ହେବାକୁ ଚେଷ୍ଟା କରୁଥାଉ ।

## ୟୁନିୟନ୍‌ର ୨ୟ ସମ୍ମିଳନୀ

ୟୁନିୟନ୍‌ର ୨ୟ ସମ୍ମିଳନୀ କଟକଠାରେ ଅଗଷ୍ଟ ୨୦ରେ ଅନୁଷ୍ଠିତ ହୋଇଥିଲା । ସେହି ସମ୍ମିଳନୀରେ ଅର୍ଥାତ୍ ବର୍ଷକ ଭିତରେ ନୂଆ ନେତୃତ୍ୱ ଆସିଲେ । କଟକରୁ ସାଥୀ ମଣି ପ୍ରସାଦ ପରିଜା ସଭାପତି ଏବଂ ରାଉରକେଲାରୁ ସାଥୀ ଶେଖର ପ୍ରସାଦ ନାୟକ ସାଧାରଣ ସମ୍ପାଦକ ହେଲେ, ସମ୍ବଲପୁରରୁ ସାଥୀ ଅରିନ୍ଦମ ବାନାର୍ଜୀ ଉପ ସଭାପତି ହୋଇଥିଲେ । ଝାରସୁଗୁଡାରୁ ସାଥୀ ଚନ୍ଦ୍ର ଶେଖର ରାୟ କୋଷାଧ୍ୟକ୍ଷ ହେଲେ । Union A/C କଟକରୁ ଝାରସୁଗୁଡା transfer ହେଲା । ଏବଂ ୟୁନିୟନ୍ ହେଡକ୍ୱାଟର ଭୁବନେଶ୍ୱରରୁ ରାଉରକେଲା ଗଲା ।

ସେହି ୧୯୭୮ରେ ବ୍ରହ୍ମପୁରଠାରେ AIBEA ର ରାଜ୍ୟ ସଂଗଠନ AOBEA ର ୨ୟ ସମ୍ମିଳନୀ ବ୍ରହ୍ମପୁରରେ ହୋଇଥିଲା । AOBEAର ପ୍ରଥମ ସମ୍ମିଳନୀ ୧୯୭୨ରେ ହୋଇଥିଲା । ଆମେ ଯେଉଁ କେତୋଟି ବ୍ୟାଙ୍କ କର୍ମଚାରୀ ୟୁନିୟନ୍ AOBEFରେ ଥିଲୁ । ସମସ୍ତ AOBEAରେ ଯୋଗ ଦେଲୁ । ଆମେ ଯୋଗଦେଲା ପରେ ଆମର ଦାବି ଅନୁସାରେ AOBEA ର ୨ୟ ସମ୍ମିଳନୀ ବ୍ରହ୍ମପୁରରେ କରାଗଲା । ଏହି ସମ୍ମିଳନୀରେ ଆମ Union ରୁ Delegation ଯୋଗ ଦେଇଥିଲେ । ଆମ ୟୁନିୟନ୍ ତରଫରୁ ମୁଁ ସେହି ସମ୍ମିଳନୀରେ ବକ୍ତବ୍ୟ ରଖିଥିଲି । ଆମେ ସମସ୍ତେ AIBEA ନେତୃତ୍ୱର Emergencyକୁ ସମର୍ଥନ କରିବାର ତୀବ୍ର ସମାଲୋଚନା କରିଥିଲୁ । ତେଣୁ AIBEA ନେତୃତ୍ୱ ଆମକୁ ଅସହଯୋଗ କରିବାକୁ ଆରମ୍ଭ କଲେ ।

## ୧୯୭୯ରେ ୟୁନିୟନ୍‌ରେ ପ୍ରଥମ ଆଇ.ଆର.ମିଟିଙ୍ଗ

ସମସ୍ତ କର୍ମଚାରୀଙ୍କର ସମସ୍ୟାକୁ ନେଇ ବିସ୍ତୃତ ଦାବିପତ୍ର ତିଆରି ହୋଇ Management କୁ ଦିଆଗଲା ଏବଂ ଧର୍ମଘଟର ନୋଟିସ୍ ମଧ୍ୟ ଦିଆଗଲା । ଶେଷରେ Management ଆମ ଦାବିପତ୍ର ଉପରେ ଆଲୋଚନା କରିବାକୁ ରାଜି ହେଲା । କଲିକତାର Zonal office ରେ ଆଲୋଚନା ହେଲା । ବ୍ୟାଙ୍କର ହେଡ୍ ଅଫିସରୁ ୨ଗଣ ପ୍ରତିନିଧି ଆସିଥିଲେ । ସାଥୀ ବର୍ଦ୍ଧନଦା ଏବଂ ଜିଆଦା ମଧ୍ୟ ସେହି ଆଲୋଚନାରେ ଥିଲେ । ସେହି ଆଲୋଚନା ଜରିଆରେ ଅନେକ ସମସ୍ୟାର ସମାଧାନ ହୋଇପାରିଥିଲା । ଯାହା କର୍ମଚାରୀଙ୍କ ମଧ୍ୟରେ ପ୍ରବଳ ଉତ୍ସାହ ସୃଷ୍ଟି କରିଥିଲା । ବ୍ୟାପକ ଆନ୍ଦୋଳନ ଭିତରେ ଅସ୍ଥାୟୀ ଭାବରେ କାମ କରୁଥିବା ସାଥୀ ମାନଙ୍କୁ ସ୍ଥାୟୀ ଚାକିରୀରେ ନିଯୁକ୍ତି ଦିଆ ଯାଇଥିଲା । ସେମାନଙ୍କ ମଧ୍ୟରେ

ରାଉରକେଲାର ସାଥୀ ସୁନାକର ପତି ଏବ ଝାରସୁଗୁଡାର ସାଥୀ ଶରତ ତ୍ରିପାଠୀ ଉଭୟ ୧୯/୦୩/୭୯ରେ ସ୍ଥାୟୀ କର୍ମଚାରୀଭାବେ କିରାଣୀ ଚାକିରୀରେ ଯୋଗ ଦେଇଥିଲେ । ଏହାଛଡା ସାଥୀ ଦାଶରଥୀ ମେହେର, ପ୍ରଫୁଲ୍ଲ ଗୌଡ, ଭରତ ମଗର ସହ ସମସ୍ତ ଅସ୍ଥାୟୀ କର୍ମଚାରୀଙ୍କୁ ସବ୍‌ଷ୍ଟାଫ ପଦବୀରେ ସ୍ଥାୟୀ କରାଯାଇ ପାରିଥିଲା । ଆମେ ଅବଶ୍ୟ ଏଠି ଆମ ୟୁନିୟନ୍ ସଫଳତାର ବିଶଦ ବିବରଣୀ ଲେଖି ଏହି ପ୍ରତିବେଦନର କଳେବର ବୃଦ୍ଧି କରିବାକୁ ଚାହୁଁନା । ବରଂ ଆମେ ଏଠି ଆମ ଉପରେ ହୋଇଥିବା ଆକ୍ରମଣକୁ କିଭଳି ଆମର ଏକତା ବଳରେ ମୁକାବିଲା କରିଛୁ ତାହାହିଁ ଆମେ ଏହାପରେ ଉଲ୍ଲେଖ କରିଛୁ ।

ୟୁନିୟନର Head Quarter ରାଉରକେଲାକୁ ଗଲାପରେ ଆନ୍ଦୋଳନର ତେଜ ଆହୁରି ତୀବ୍ର ହେଲା । ରାଜ୍ୟର ବିଭିନ୍ନ ସମସ୍ୟା ଉପରେ କର୍ମଚାରୀମାନଙ୍କୁ ଏକଜୁଟ କରି ସଂଗଠନକୁ ଶକ୍ତିଶାଳୀ କରିବା ସଙ୍ଗେ ସଦସ୍ୟମାନଙ୍କୁ ଅଧିକରୁ ଅଧିକ ସଚେତନ କରାଗଲା । ଏପଟେ AIBEA ଭିତରେ ରହି AIBEA ନେତୃତ୍ୱର କାର୍ଯ୍ୟ କଳାପ ବିରୋଧରେ ଅନ୍ୟ ବ୍ୟାଙ୍କ କର୍ମଚାରୀ ୟୁନିୟନ୍‌ମାନଙ୍କୁ ଏକଜୁଟ କରିବାରେ ଆମ ୟୁନିୟନ୍ ରାଜ୍ୟରେ ମୁଖ୍ୟ ଭୂମିକା ଗ୍ରହଣ କଲା । ସର୍ବଭାରତୀୟ ସ୍ତରରେ ଆମ ବ୍ୟାଙ୍କରେ ୧୯୫୯ରୁ କର୍ମଚାରୀମାନଙ୍କର ଗୋଟିଏ ହିଁ Federation ରହି ଆସିଥିଲା ଏବଂ ବ୍ୟାଙ୍କରେ ସର୍ବ ଭାରତୀୟ ସ୍ତରରେ ଯେଉଁ ଐକ୍ୟ ଥିଲା ତାହା ସମସ୍ତଙ୍କ ମୁଣ୍ଡ ବ୍ୟଥାର କାରଣ ହୋଇଥିଲା । ଷ୍ଟେଟ୍ ବ୍ୟାଙ୍କ୍‌କୁ ଛାଡି ଦେଲେ ଆଉ କୌଣସି ବ୍ୟାଙ୍କରେ ସର୍ବ ଭାରତୀୟ ସ୍ତରରେ କର୍ମଚାରୀଙ୍କର ଗୋଟାଏ Federation ନଥିଲା । ବ୍ୟତିକ୍ରମ ଥିଲା କେବଳ ୟୁନିୟନ୍ ବ୍ୟାଙ୍କ । କମ୍ରେଡ ବର୍ଦ୍ଧନଙ୍କ ନେତୃତ୍ୱରେ AIUBEF ହିଁ ଥିଲା ୟୁନିୟନ୍ ବ୍ୟାଙ୍କ କର୍ମଚାରୀଙ୍କର ଏକମାତ୍ର All India Federation । ଏହାକୁ ଭାଙ୍ଗିବା ପାଇଁ Bank Management ଯେତିକି ତତ୍‌ପର ଥିଲେ AIBEA ନେତୃତ୍ୱ ମଧ ତା'ଠାରୁ ଅଧିକ ତତ୍‌ପର ଥିଲେ । ତେଣୁ Management ର ସାହାଯ୍ୟରେ ୧୯୭୯ରେ ଏମ୍.କେ. ମଣ୍ଡଳଙ୍କ ନେତୃତ୍ୱରେ AIUBEFକୁ ଭାଙ୍ଗି AIUBEA ତିଆରି କରାଗଲା । AIUBEA ନେତୃତ୍ୱ ୟୁନିୟନ୍ ବ୍ୟାଙ୍କର ବିଭିନ୍ନ ରାଜ୍ୟ ସଂଗଠନକୁ ଏହି ବିଭେଦକାରୀ ସଂଗଠନରେ ସାମିଲ ହେବା ପାଇଁ ଚାପ ସୃଷ୍ଟି କଲେ । ଆମ ୟୁନିୟନ୍ ଉପରେ ମଧ AIBEAର ରାଜ୍ୟ ସଂଗଠନ AOBEAପ୍ରବଳ ଚାପ ପକାଇଲେ । ଆମେ କିନ୍ତୁ ବଳିଷ୍ଠ ଭାବେ AIUBEF ସହ ରହିଲୁ । ୧୯୭୯ରେ AIUBEF କଲିକତା ସମ୍ମିଳନୀରେ ଆମ ୟୁନିୟନ୍ ଏକ ରାଜ୍ୟ ସଂଗଠନ ଭାବେ ପ୍ରଥମ ଥର ପାଇଁ ଯୋଗ ଦେଇଥିଲା । ସେହି ସମୟରେ ଆମ ବ୍ୟାଙ୍କର ବୋର୍ଡରେ କର୍ମଚାରୀ ପ୍ରତିନିଧି Workmen Director ଭାବେ AIBEA ତରଫରୁ ଏମ୍.କେ. ମଣ୍ଡଳଙ୍କ ନାମ କେନ୍ଦ୍ର ସରକାରଙ୍କ ନିକଟରେ ସୁପାରିଶ କରାଗଲା । ସରକାର ଏବଂ ବ୍ୟାଙ୍କ Management ଉପରେ AIBEA ଚାପ ପକାଇଲା । AIUBEF ର ପ୍ରତିନିଧି ଶାନ୍ତି ବର୍ଦ୍ଧନଙ୍କ ସ୍ଥାନରେ ଏମ୍.କେ. ମଣ୍ଡଳକୁ ନବା ପାଇଁ । କିନ୍ତୁ ଆମ ବ୍ୟାଙ୍କରେ ଅଧିକାଂଶ କର୍ମଚାରୀ ତଥା ରାଜ୍ୟ ସଂଗଠକ ରାଜିନଥିଲେ । ସେମାନେ ବଳିଷ୍ଠ ଭାବେ ଘୋଷଣା କଲେ ଯେ ୟୁନିୟନ ବ୍ୟାଙ୍କରେ କିଏ Workman Director ହେବ ତାହା ୟୁନିୟନ୍ ବ୍ୟାଙ୍କ୍ କର୍ମଚାରୀମାନେ ହିଁ ନିଷ୍ପତ୍ତି କରିବେ ଏ ବାବଦରେ AIBEA ର କିଛି କରିବାର ନାହିଁ । ଏହା ୟୁନିୟନ୍ ବ୍ୟାଙ୍କ କର୍ମଚାରୀଙ୍କର ବିଚାର୍ଯ୍ୟ ବିଷୟ । ଆମ ୟୁନିୟନ୍ ମଧ ଏହି କଥା Union Bank Management କୁ ଲେଖିବା ସଙ୍ଗେ ସଙ୍ଗେ ସାଥୀ ବର୍ଦ୍ଧନଙ୍କୁ Workman Director ମନୋନୀତ କରିବା ପାଇଁ ୟୁନିୟନ୍‌ର ସାଧାରଣ ପରିଷଦ ବୈଠକରେ ପ୍ରସ୍ତାବ ଗ୍ରହଣ କରି Management କୁ ଜଣାଇଥିଲା । କେବଳ ଆମେ ନୁହେଁ ଅଧିକାଂଶ ରାଜ୍ୟ ସଂଗଠନ Workmen Director ପାଇଁ ସାଥୀ ବର୍ଦ୍ଧନଙ୍କ ନାମ ପ୍ରସ୍ତାବ କଲେ । ଫଳରେ Bank Management ଏବଂ କେନ୍ଦ୍ର ସରକାର ବାଧ ହେଲେ କମ୍ରେଡ ଶାନ୍ତି ବର୍ଦ୍ଧନଙ୍କୁ Workman Director ଭାବେ ମନୋନୀତ କରିବା ପାଇଁ । ଏହାପରେ AIBEA Union Bank Management ସହଯୋଗରେ ବିଭିନ୍ନ ରାଜ୍ୟର ୟୁନିୟନ୍ ମାନଙ୍କୁ ଭାଙ୍ଗିବା ପାଇଁ ଚକ୍ରାନ୍ତ କଲେ । ଯେଉଁ ରାଜ୍ୟରେ ଭାଙ୍ଗି ପାରିଲେ ନାହିଁ ସେହି ସମସ୍ତ ରାଜ୍ୟର ୟୁନିୟନ୍ ମାନଙ୍କୁ AIBEA ରୁ ବାହାର ଅର୍ଥାତ୍ Expel କରି ଦିଆଗଲା । ଓଡ଼ିଶାରେ ମଧ AIBEA ର ରାଜ୍ୟ ସଂଗଠନ AOBEA ନେତୃତ୍ୱ ଆମ ସଂଗଠନକୁ ଭାଙ୍ଗିବା ପାଇଁ ଚକ୍ରାନ୍ତ କରି ଚାଲିଲେ । କିନ୍ତୁ ସଫଳ ହୋଇପାରିଲେ ନାହିଁ । ଶେଷରେ ୧୯୮୦ ଏପ୍ରିଲରେ ଆମ ୟୁନିୟନ୍‌କୁ ଏକ ତରଫା ଭାବରେ AIBEA ରୁ ବହିସ୍କାର କଲେ । ଏହା AOBEA ର Working Committee ବା General Council Meeting ରେ ପାସ୍ ହୋଇ ପାରିନଥିଲା । କାରଣ AOBEA ଭିତରେ ଅନ୍ୟ ବ୍ୟାଙ୍କ ୟୁନିୟନ୍‌ମାନେ ଆମକୁ ସମର୍ଥନ କରୁଥିଲେ । ସେଥିପାଇଁ ଅତ୍ୟନ୍ତ ଅଗଣତାନ୍ତ୍ରିକ ଭାବରେ କୌଣସି Forumରେ ସିଦ୍ଧାନ୍ତ ନ କରାଇ ପାରି AOBEAର ତତ୍‌କାଳୀନ ସାଧାରଣ ସମ୍ପାଦକ ଚିତ୍ର ରଥ ନାୟକ ଆମ ୟୁନିୟନ୍‌କୁ ଏକ ଚିଠି ଲେଖି "AIBEAର ନିର୍ଦ୍ଦେଶ କ୍ରମେ AOUBEA କୁ AOBEA ରୁ ବହିସ୍କାର କରାଗଲା" ବୋଲି ଜଣାଇ ଦେଲେ । ଆମ ୟୁନିୟନ୍ AIBEA ର ଏହି ଅନ୍ୟାୟ ଓ ଅଗଣତାନ୍ତ୍ରିକ କାର୍ଯ୍ୟ ବିରୋଧରେ ରାଜ୍ୟର ସମସ୍ତ ବ୍ୟାଙ୍କ କର୍ମଚାରୀଙ୍କ ଭିତରେ ପ୍ରଚାର କଲା । ଆମେ ସେମାନଙ୍କର ସମର୍ଥନ ପାଇଲୁ । ଆମକୁ ବାହାର କରି ସାରିଲା ପରେ ବି AOBEA ଯେତେବେଳେ ଆମ ୟୁନିୟନ୍‌କୁ ଭାଙ୍ଗି ପାରିଲା ନାହିଁ, ସେତେବେଳେ ମ୍ୟାନେଜମେଣ୍ଟ ଦ୍ୱାରା ଆମ ଉପରେ ଆକ୍ରମଣ ଚଳାଇଲା ଆମକୁ ଭାଙ୍ଗିବା ପାଇଁ । ସେହି ସମୟରେ ରାଜ୍ୟରେ ବ୍ୟାଙ୍କର ଅଧିକ ଶାଖା ଖୋଲିବା ଏବଂ ଅଧିକ କର୍ମଚାରୀ ନିଯୁକ୍ତି କରିବା ପାଇଁ ଆମେ ଆନ୍ଦୋଳନ ଚଳାଇଥାଉ । ସେହି କାରଣରୁ ୧୯୮୧ ଜୁଲାଇରେ ୟୁନିୟନ୍ ର HQ ରାଉରକେଲାର ୩ଜଣ ସାଥୀ ବୃନ୍ଦାବନ ଚନ୍ଦ୍ର ଦାସ, କ୍ଷୀରୋଦ ଚନ୍ଦ୍ର ସ୍ୱାଇଁ ଏବଂ ସୁନାକର ପତିଙ୍କୁ ସସ୍‌ପେଣ୍ଡ କରାଗଲା ଏହା ପ୍ରତିବାଦରେ ସମଗ୍ର ରାଜ୍ୟରେ ଜୁଲାଇ ୨୮ ଓ ୨୯ ଦୁଇଦିନ ଧର୍ମଘଟ କରାଗଲା । ଏହି ଧର୍ମଘଟ ଆହ୍ୱାନ ଦେଇଥିବାରୁ AOUBEA ର ସାଧାରଣ ସମ୍ପାଦକ ସାଥୀ ଶେଖର ନାୟକଙ୍କୁ ମଧ ସସ୍‌ପେଣ୍ଡ କରାଗଲା । ଏହପରେ ଭଦ୍ରକରୁ ପ୍ରଦୀପ ଷଡ଼ଙ୍ଗୀ, କ୍ଷୀରସିନ୍ଧୁ ସେଠି (ସେତେବେଳର

Asst Secy) ଏବଂ ସତ୍ୟ ନାରାୟଣ ମିଶ୍ରଙ୍କୁ ସସ୍‌ପେଣ୍ଡ କରାଗଲା । ଏହା ବିରୋଧରେ ଚାଲିଥିଲା ୧୦ ମାସର ସଂଗ୍ରାମ । ସେତେବେଳର ଇନ୍ଦିରା ଗାନ୍ଧୀଙ୍କର କେନ୍ଦ୍ର ସରକାର ଅତ୍ୟାବଶ୍ୟକୀୟ ସଂସ୍ଥାରେ ଧର୍ମଘଟ ନକରାଇ ଦେବାଲାଗି ଅର୍ଡିନାଂସ ESSMO ଜାରି କଲେ । ତାହା ସତ୍ତ୍ୱେ ବି ଆମେ ଧର୍ମଘଟ କରିଥିଲୁ । ଶତ ଆକ୍ରମଣ ପରେ ମଧ ଆମେ ଭାଙ୍ଗି ଯାଇ ନଥିଲୁ । ଆନ୍ଦୋଳନ ଜାରି ରଖିଥିଲୁ । AIBEA ଓ Management ଆମ ଆନ୍ଦୋଳନକୁ ଭାଙ୍ଗିବା ପାଇଁ ଚେଷ୍ଟା ଚଳାଇଲେ । ଅନ୍ୟ ବ୍ୟାଙ୍କ କର୍ମଚାରୀ ଯେଉଁମାନେ ଆମକୁ ସମର୍ଥନ କରୁଥିଲେ AOBEA ନେତୃତ୍ୱ ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କଲେ ସେମାନଙ୍କ Management ଜରିଆରେ । ଆମ ବ୍ୟାଙ୍କ ସମସ୍ତ ପ୍ରତିବାଦକୁ ବେଖାତିର କରି ସାଥୀ ସୁନାକର ପତିଙ୍କୁ ଚାକିରୀରୁ ବହିଷ୍କାର କଲେ । ଆମ ଆନ୍ଦୋଳନ ଓ AIUBEF ସକ୍ରିୟ ସହଯୋଗ ଫଳରେ ସାଥୀ ସୁନାକର ପତିଙ୍କର Dismissal ଏବଂ ୬ଜଣ ସାଥୀଙ୍କର Suspensiont ପ୍ରତ୍ୟାହାର କରିବାକୁ Union Bank କର୍ତୃପକ୍ଷ ବାଧ୍ୟ ହୋଇଥିଲେ । ସେ ସମୟରେ ସଂଗଠନକୁ ବଞ୍ଚାଇବା ଆମ ପାଖରେ ପ୍ରଥମ କର୍ତ୍ତବ୍ୟ ଥିଲା । ଆମେ ସେଥିରେ ସଫଳ ହୋଇଥିଲୁ । ସାଥୀ ଶେଖର ନାୟକଙ୍କ ସସ୍‌ପେନ୍‌ସନ୍ ବିରୋଧରେ ILO ରେ ମଧ ଚର୍ଚ୍ଚା ହୋଇଥିଲା ଏବଂ ଭାରତ ସରକାରଙ୍କୁ ଚିଠି ଲେଖା ଯାଇଥିଲା । ସେହି ସମୟରେ ଆମ ଆନ୍ଦୋଳନ କେବଳ ଓଡ଼ିଶା ନୁହେଁ ସମଗ୍ର ଭାରତ ବର୍ଷରେ ଚର୍ଚ୍ଚାକୁ ଆସିଥିଲା । ବିଶେଷ କରି ବ୍ୟାଙ୍କ କର୍ମଚାରୀ ଆନ୍ଦୋଳନ ଓ ସଂଗଠନ ଭିତରେ AOUBEA ସର୍ବ ଭାରତୀୟ ସ୍ତରରେ ବହୁତ ମର୍ଯ୍ୟାଦା ହାସଲ କରିଥିଲା ।

## ରାଜ୍ୟରେ AOBEF ର ପୁନରୁତ୍ଥାନ ଏବଂ ସର୍ବ ଭାରତୀୟ ସ୍ତରରେ BEFI ର ଜନ୍ମ

୧୯୮୧ରେ ଆମ ରାଜ୍ୟରେ ୭ଟି ବ୍ୟାଙ୍କର କର୍ମଚାରୀ ସଂଗଠନକୁ ନେଇ AOBEF କୁ ପୁନଃରାୟ ସଂଗଠିତ କରିବାରେ ଆମ ନେତୃତ୍ୱ ପ୍ରମୁଖ ଭୂମିକା ନେଇଥିଲେ । ୧୯୮୧ ରେ କଟକର ବାରବାଟୀ ଷ୍ଟାଡିୟମ୍‌ଠାରେ ଅନୁଷ୍ଠିତ ସମ୍ମିଳନୀ ମଧ ଦେଇ AOUBEA ର ପୁନଃର୍ଗଠନ କରାଯାଇଥିଲା । ପରବର୍ତ୍ତୀ ସମୟରେ ୧୯୮୨ ଅକ୍ଟୋବର ୧୩, ୧୪ ଓ ୧୫ରେ କଲିକତାଠାରେ ଆୟୋଜିତ ସମ୍ମିଳନୀ ମଧ ଦେଇ BEFI ର ଜନ୍ମ ହୋଇଥିଲା । ରାଜ୍ୟରେ AOBEF ଓ ସର୍ବ ଭାରତୀୟ ସ୍ତରରେ BEFI କୁ ପ୍ରତିଷ୍ଠିତ କରିବାରେ ୟୁନିୟନ୍ ବ୍ୟାଙ୍କ କର୍ମଚାରୀ ଏବଂ ଆମ ସଂଗଠନ AOUBEA ମୁଖ୍ୟ ଭୂମିକା ଗ୍ରହଣ କରିଥିଲେ । ସେଥିପାଇଁ ୟୁନିୟନ ବ୍ୟାଙ୍କ କର୍ମଚାରୀଙ୍କ ପ୍ରତି ଉଭୟ Management ଓ AIBEA ର ଆକ୍ରୋଶ ବଢ଼ି ବଢ଼ି ଚାଲିଲା । ଆମେ କିନ୍ତୁ ୧୯୮୧ର ଆକ୍ରମଣ ପରେ ସଂଗଠନକୁ ଆହୁରି ଶକ୍ତିଶାଳୀ କଲୁ । ୧୯୮୨ରେ Management ପୁଣି ଆମ ସାଥୀମାନଙ୍କୁ ବଦଳି କରି କୋଳୁଆ ଭୟ ସୃଷ୍ଟି କଲେ । କିନ୍ତୁ ଆମେ ମଧ ଆନ୍ଦୋଳନ ଜାରୀ ରଖିଲୁ । ଶେଷରେ ସମସ୍ତେ ପୂର୍ବ ସ୍ଥାନକୁ ଫେରିଲେ । ତା ପରଠାରୁ ଆଜି ପର୍ଯ୍ୟନ୍ତ Management ଦୂରକୁ ବଦଳି କରିବା ତ ଦୂରର କଥା Same Station ରେ ବି ବଦଳି କରିପାରୁ ନାହିଁ । ବର୍ତ୍ତମାନ ଅନ୍ୟ ସମସ୍ତ ବ୍ୟାଙ୍କରେ କର୍ମଚାରୀଙ୍କୁ ବଦଳି କରାଯାଉଥିଲେ ମଧ ଆମ ରାଜ୍ୟରେ ଆମ ବ୍ୟାଙ୍କ କର୍ତୃପକ୍ଷ ଏଯାଏଁ କରିପାରୁ ନାହାନ୍ତି । ଏହା ମଧ AIUBEA ର ଆକ୍ରୋଶର ଏକ କାରଣ । କିନ୍ତୁ ଆମେ ଏ ସମସ୍ତକୁ ବେଖାତିର୍ କରି ଆଗେଇ ଚାଲିଲୁ AOBEF ଏବଂ BEFI କୁ ଆମ ରାଜ୍ୟରେ ଏକ ବୃହତ୍ ଲଢୁଆ ସଂଗଠନରେ ପରିଣତ କରିବା ପାଇଁ । ଏ ଦିଗରେ ସଫଳତା ମିଳିଲା ମଧ । ଆଜି AOBEF ରେ ୧୬ଟି ବ୍ୟାଙ୍କର କର୍ମଚାରୀ ସଂଗଠନ ଅନ୍ତର୍ଭୁକ୍ତ । BEFI ଆଜି ଶିଳ୍ପ ସ୍ତରରେ ସ୍ୱୀକୃତ । ୧୯୮୨ରୁ ୧୯୯୪ ଦୀର୍ଘ ୧୨ ବର୍ଷ ଧରି BEFI ର ଲଢ଼େଇରେ ଓଡିଶାରେ AOUBEA ରହିଛି ସର୍ବାଗ୍ରେ । ଆମେ ଏଠାରେ ଏ ବାବଦରେ ସବିଶେଷ ଆଲୋଚନା କରିବାକୁ ଚାହୁଁନା, କାରଣ ଏହା AOBEF ବା BEFIର ପ୍ରତିବେଦନ ନୁହେଁ । AOUBEA ର ଉଜ୍ଜ୍ୱଳ ଭୂମିକା ବାବାଦରେ ଆମେ କେବଳ ଏଠାରେ କିଛି ସୂଚନା ଦେଲୁ । ସଂଗଠନର ୪୦ବର୍ଷ ପୂର୍ତ୍ତି କେବଳ ନୁହେଁ ରାଜ୍ୟ ତଥା ସର୍ବ ଭାରତୀୟ ସ୍ତରରେ ଆମର ଏହି ଭୂମିକା ସବୁଦିନ ପାଇଁ ଉଜ୍ଜ୍ୱଳ ହୋଇ ରହିବ ।

## ୧୯୯୯ରେ ପୁଣି ଆକ୍ରମଣ

୧୯୮୧ ପରେ ଯେଉଁମାନେ ଭାବିଥିଲେ ଏବଂ ସଗର୍ବେ ଘୋଷଣା କରିଥିଲେ ଓଡିଶାରେ Either ବ୍ୟାଙ୍କ ରହିବ Or Union ରହିବ- ତାଙ୍କୁ ଆମେ ଭୁଲ ପ୍ରମାଣିତ କରି ପ୍ରମାଣ କଲୁ ଗୋଟିଏ Trade Union କାହା ମର୍ଜି ବା ଦୟାରେ ତିଆରି ହୁଏନା ବା ତାକୁ ଭଙ୍ଗାଯାଇ ପାରେନା । ଆମେ କହିଥିଲୁ ବ୍ୟାଙ୍କ ରହୁ ଏବଂ ୟୁନିୟନ ମଧ ରହୁ ତାହାହିଁ ହେଇଛି । ଆଜି ରାଜ୍ୟରେ ୟୁନିୟନ୍ ବ୍ୟାଙ୍କ ଅଛି, ଆମ ୟୁନିୟନ୍ AOUBEA ମଧ ଅଛି । ଏହା ହିଁ ସମସ୍ତଙ୍କର ଇର୍ଷାର କାରଣ । ୧୯୮୨ରୁ ୧୯୯୯ ପର୍ଯ୍ୟନ୍ତ ବିଭିନ୍ନ Issue ରେ କର୍ତ୍ତୃପକ୍ଷ ସେମାନଙ୍କ ସମସ୍ତ ଯୋଜନାରେ ବିଫଳ ହୋଇଛନ୍ତି । ସେମାନେ ଚାହିଁଥିଲେ STC ର ସଫେଇ କାର୍ଯ୍ୟ ବ୍ୟାଙ୍କ କର୍ମଚାରୀ ଦ୍ୱାରା ନକରାଇ ବାହାର ଲୋକ ଦ୍ୱାରା ଠିକାରେ କରାଇବେ- ଆଜି ପର୍ଯ୍ୟନ୍ତ ପାରି ନାହାଁନ୍ତି । ସେମାନେ ଚାହିଁଲେ ବହୁ ପ୍ରଚେଷ୍ଟା ଓ ଲଢ଼େଇ ଫଳରେ ପ୍ରତିଷ୍ଠିତ Regional office କୁ ବନ୍ଦ କରିଦେବେ ଉପଯୁକ୍ତ ସଂଖ୍ୟକ Branch ନଥିବାର ଆଳ ଦେଖାଇ- କିନ୍ତୁ ପାରିଲେ ନାହିଁ । ଆମ ଆନ୍ଦୋଳନ ଓ ପ୍ରଚେଷ୍ଟା ଫଳରେ ବ୍ରାଞ୍ଚ ଖୋଲିଲା- ଅବଶ୍ୟ ଆମ ପସନ୍ଦ ମୁତାବକ ଜାଗାରେ ନୁହେଁ- କିନ୍ତୁ ଆମର ମଧ ସେତେବେଳେ କୌଣସି ଉପାୟ ନଥିଲା- ଆମ ପାଖରେ ସେତେବେଳେ ଦାୟୀତ୍ୱ ଥିଲା ବ୍ରାଞ୍ଚ ସଂଖ୍ୟା ବଢ଼ାଇବା- ସେଥିରେ ସଫଳ ହୋଇଛୁ । Management ଚାହିଁଲା ୧୯୯୩ର ଶିଳ୍ପ ସ୍ତରର Computer Settlement କୁ Violate କରି ବ୍ୟାପକ କମ୍ପ୍ୟୁଟରୀକରଣ କରିବା ପାଇଁ । ଆମେ କହିଥିଲୁ ଯାହା ହେବ Settlement ଅନୁସାରେ ହେବ । ତେଣୁ Computer ଫେରିଗଲା । ପରବର୍ତ୍ତୀ ସମୟରେ ଶିଳ୍ପ ସ୍ତରରେ କମ୍ପ୍ୟୁଟର ବାବଦରେ ନୂଆ ଚୁକ୍ତି ହେବା ପରେ ହିଁ ବ୍ୟାପକ କମ୍ପୁଟରୀକରଣ ହୋଇଛି । କିନ୍ତୁ ଆଜି ଯାହା ହୋଇଛି ତାହା ଯଦି ୧୯୮୩ ବା ୧୯୯୩ରୁ ହୋଇଥାନ୍ତା ତାହେଲେ ଆଜି ଆପଣମାନେ ଯେତିକି କର୍ମଚାରୀ

ଦେଖୁଛନ୍ତି ସେତକ ବି ନଥାନ୍ତେ। ସେହିପରି ବ୍ରାଞ୍ଚ ବନ୍ଦ କରିବା ପାଇଁ Management ର ସମସ୍ତ ଚେଷ୍ଟା ବିଫଳ ହୋଇଛି। ସେ ଅଞ୍ଚଳରେ ଲୋକଙ୍କୁ ନେଇ ଆମର ଆନ୍ଦୋଳନ ଫଳରେ ଏହା ସମ୍ଭବ ହୋଇଥିଲା। ଅବଶ୍ୟ ବହୁ କଷ୍ଟରେ ଛତାବରକୁ Satelite Branch କରିଥିଲେ ଓ ପରେ ବନ୍ଦ କରିଦେଲେ । ତା'ପରେ ଓଡିଶାର କେତେକ ବ୍ରାଞ୍ଚ ଯେପରି ରାଉରକେଲାକୁ ରାଞ୍ଚି ସହିତ ସମ୍ବଲପୁର ଓ ବରଗଡକୁ ରାୟପୁର ସହିତ ବା ବ୍ରହ୍ମପୁରକୁ ବିଖାଶାପାଟଣା ରିଜିଅନ୍ ସହିତ ଯୋଡିବାର ଅପଚେଷ୍ଟାକୁ ମଧ୍ୟ ଆମେ ବ୍ୟର୍ଥ କରିଛୁ। ସେହିପରି ୟୁନିୟନ୍ ବ୍ୟାଙ୍କରେ ସର୍ବ ଭାରତୀୟ ସ୍ତରରେ ବା ଶିଳ୍ପ ସ୍ତରରେ ଆମ ସଂଗଠନର ଭୂମିକା, ଦେଶରେ BEFI ଏବଂ ରାଜ୍ୟରେ AOBEF ଅଗ୍ରଗତି, ୨୦୦୦ ମସିହାରେ ୭ମ ଦ୍ୱୀପାକ୍ଷିକ ରାଜିନାମାକୁ BEFI ଦସ୍ତଖତ ନକରିବା ଇତ୍ୟାଦି ପାଇଁ ଆମେ Management ର ଚକ୍ଷୁଶୀଳ ହେଲୁ। ଶେଷରେ ୟୁନିୟନ୍ ବ୍ୟାଙ୍କର ତଦାନୀନ୍ତନ CMD ଙ୍କୁ ଓଡିଶାରେ ପୁରାଇ ନଦେବା ଏପରିକି ଆମ Regional Office ର ନିଜ Building କୁ ଉଦ୍‌ଘାଟନ କରି ନପାରିବା- ଏ ସମସ୍ତ ମଧ୍ୟ ତାଦାନୀନ୍ତନ CMD ସହ୍ୟ କରି ପାରୁନଥିଲେ। ତା'ପରେ (Platinum jubile) ଉତ୍ସବରେ CMD କଲିକତା ଆସି ସଭା କରିନପାରିବା ଏବଂ ସମଗ୍ର ପୂର୍ବାଞ୍ଚଳରେ ଏ ବାବଦରେ ବ୍ୟାଙ୍କର କୌଣସି ଅନୁଷ୍ଠାନ ହୋଇ ନପାରିବା ଇତ୍ୟାଦି ପାଇଁ ୟୁନିୟନ୍ ବ୍ୟାଙ୍କ Management- AIUBEF କୁ ମଧ୍ୟ ଦୁର୍ବଳ କରିବାକୁ ଚାହିଁଲା- ବିଶେଷ କରି ପୂର୍ବାଞ୍ଚଳରେ। ତେଣୁ ଚକ୍ରାନ୍ତ ଚାଲିଲା। ରାଉରକେଲାର ଏକ ଛୋଟିଆ ଘଟଣାକୁ ନେଇ ପ୍ରଥମେ ୟୁନିୟନର ସାଧାରଣ ସମ୍ପାଦକ ସହ ରାଉରକେଲା ଶାଖାର ସମସ୍ତ କର୍ମଚାରୀଙ୍କୁ ମେମୋ ଦେବା ଏବଂ ପରେ ସାଧାରଣ ସମ୍ପାଦକଙ୍କୁ ସସ୍‌ପେଣ୍ଡ କରିବା, ତା'ପରେ ସାଥୀ ସୁନାକର ପତି, ଅତିକୁର ରହମାନ ଏବଂ ନରେନ୍ଦ୍ର ଜେନାଙ୍କୁ ସସ୍‌ପେଣ୍ଡ କରିବା ସହ ବହୁ ସାଥୀଙ୍କୁ ମେମୋ ବା ଚାର୍ଜସିଟ୍ ଜରିଆରେ ଆକ୍ରମଣର ଜୁଆର ମାଡ଼ିଲା। ଏହି ଆକ୍ରମଣ ବିରୋଦ୍ଧରେ ଆନ୍ଦୋଳନ ବଢ଼ିଲା। ତେଣୁ ଆନ୍ଦୋଳନକୁ ଦୁର୍ବଳ କରିବା ଏବଂ ଆମର ପ୍ରିୟ ସଂଗଠନକୁ ଭାଙ୍ଗିବା ପାଇଁ Management ଅତ୍ୟନ୍ତ ଘୃଣ୍ୟ ଓ ଲଜ୍ୟାକର ରାସ୍ତା ବାଛିଲା। ଜାତି ନାମରେ ଆମକୁ ବିଭାଜିତ କରିବାର ଷଡଯନ୍ତ୍ର କରାଗଲା। କିଛି ଲୋକ ଏହି ଚକ୍ରାନ୍ତରେ ସାମିଲ୍ ହୋଇ Management ହାତବାରସି ସାଜିଲେ। ସେମାନେ ପ୍ରଚାର କଲେ ଏଥର ଆଉ AOUBEA ରହିବ ନାହିଁ। କିନ୍ତୁ ସାଥୀ ଗଣ ସେମାନଙ୍କ ସ୍ୱପ୍ନ ସ୍ୱପ୍ନରେ ହିଁ ରହିଗଲା। ସାଥୀମାନେ ଐକ୍ୟବଦ୍ଧ ହୋଇ ୫ ଦିନର ଧର୍ମଘଟ କଲେ। ୧୯୯୯ର ମହାବାତ୍ୟା ନହୋଇଥିଲେ ଅନିର୍ଦ୍ଦିଷ୍ଟ କାଳ ଧର୍ମଘଟ ମଧ୍ୟ କରିଥାନ୍ତେ। ଲଢ଼େଇ ଶେଷ ପର୍ଯ୍ୟନ୍ତ ଜାତି, ଧର୍ମ ନିର୍ବିଶେଷରେ ସଭ୍ୟମାନେ Struggle Fundରେ ଅର୍ଥ ଦେଇଛନ୍ତି- ସମସ୍ତ Suspend ହୋଇଥିବା ସାଥୀମାନଙ୍କୁ ଦରମା ଦିଆଯାଇ ପାରିଛି। ୟୁନିୟନ୍‌ର ସାଧାରଣ ସମ୍ପାଦକଙ୍କୁ ଚାକିରୀରେ ପୁନର୍ବହାଲ ପର୍ଯନ୍ତ ପୂରା ଦରମା ନହେଲେ ବି ମାସିକ ଅର୍ଥ ସାହାଯ୍ୟ ଦିଆ ଯାଉଥିଲା। BEFI ତରଫରୁ ମାସିକ ଅର୍ଥ ସାହାଯ୍ୟ ଦବାର ନିଷ୍ପତ୍ତି ହୋଇଥିଲେ ବି ଆମର ସାଥୀମାନେ ତାହା ଗ୍ରହଣ କରି ନାହାନ୍ତି। ସେମାନେ ନିଜେ ଦେଇ ଚାଲିଥିଲେ। ଆମର ଲଗାତର ଆନ୍ଦୋଳନ ଫଳରେ କର୍ତ୍ତୃପକ୍ଷ ବାଧ୍ୟ ହୋଇଛନ୍ତି ସାଥୀ ସୁନାକର ପତି, ଅତିକୁର ରହମାନ ଓ ନରେନ୍ଦ୍ର କୁମାର ଜେନାଙ୍କୁ ଚାକିରୀରେ ପୁନର୍ବହାଲ କରିବାକୁ। ସମସ୍ତ ମେମୋ ବା ଚାର୍ଜସିଟ୍‌ର ସମାଧାନ ହୋଇପାରିଲା। Management ପାଖରେ ମୁଣ୍ଡ ନ ନୁଆଁଇବାରୁ ୟୁନିୟନ୍‌ର ସାଧାରଣ ସମ୍ପାଦକଙ୍କ ପୁନର୍ବହାଲ ହୋଇପାରି ନଥିଲା । ଯଦିଓ CGIT ରାୟ ଦେଇଥିଲେ ତାଙ୍କୁ ଚାକିରୀରେ ପୁନର୍ବହାଲ କରିବାକୁ । Management ଟ୍ରିବ୍ୟୁନାଲ୍ ରାୟ ବିରୋଧରେ କଟକ ହାଇକୋର୍ଟରେ ଅପିଲ କରିଥିଲେ। ହାଇକୋର୍ଟ ବ୍ୟାଙ୍କର ଅପିଲ ଗ୍ରହଣ କରିବା ସହ ଶ୍ରୀ ଷଡ଼ଙ୍ଗୀଙ୍କୁ ସେ ପାଉଥିବା ଶେଷ ଦରମାକୁ ପ୍ରତି ମାସ ଦବା ପାଇଁ ବ୍ୟାଙ୍କକୁ ନିର୍ଦ୍ଦେଶ ଦେଇଥିଲେ। କିନ୍ତୁ ବ୍ୟାଙ୍କ ଶେଷ ଦରମା ପରିବର୍ତ୍ତେ ଡ଼ିସ୍‌ମିସ୍ ହେବା ପୂର୍ବରୁ Suspension ଅବସ୍ଥାରେ ଥିବାବେଳର Substistance Allowance Payment କରିଥିଲେ। ଏହା ବିରୋଧରେ ଆମେ କୋର୍ଟରେ ପୁଣି ଆବେଦନ କରିଥିଲୁ। ଏ ସମସ୍ତ ଭିତରେ ମଧ୍ୟ ଆମେ ଦବି ନଯାଇ ଆମର ଆନ୍ଦୋଳନକୁ ଆହୁରି ତୀବ୍ର କଲୁ। ବ୍ୟାଙ୍କର ତଦାନିନ୍ତନ ସି.ଏମ୍.ଡି ସମଗ୍ର ପୂର୍ବାଞ୍ଚଳରେ ଯେଉଁଠି ଗଲେ ବିକ୍ଷୋଭର ସମ୍ମୁଖୀନ ହେଲେ। ଶେଷରେ କର୍ତ୍ତୃପକ୍ଷ ବାଧ୍ୟହୋଇ ଆମ ସର୍ବଭାରତୀୟ ସଂଗଠନ (AIUBEF)ସହ ଆଲୋଚନା କଲେ ଏବଂ ପ୍ରଦୀପ ଷଡଙ୍ଗୀ ଚାକିରୀରେ ଫେରିଲେ। ଯେଉଁ କର୍ତ୍ତୃପକ୍ଷ କହିଥିଲେ କୌଣସି ପରିସ୍ଥିତିରେ ପ୍ରଦୀପ ଷଡଙ୍ଗୀ ଚାକିରୀକୁ ଫେରି ପାରିବେ ନାହିଁ- ସେହି କର୍ତ୍ତୃପକ୍ଷ ବାଧ୍ୟ ହୋଇଥିଲେ ପଦୀପ ଷଡଙ୍ଗୀଙ୍କୁ ଚାକିରୀରେ ଫେରାଇବା ପାଇଁ। ଆଲୋଚନା ଅନୁସାରେ ପ୍ରଦୀପ ଷଡ଼ଙ୍ଗୀ ୧୯୧୧ ମାର୍ଚ୍ଚ ୯ ତାରିଖରେ ବ୍ୟାଙ୍କର ପଶ୍ଚିମବଙ୍ଗ ସ୍ଥିତ ଦୁର୍ଗାପୁର ରିଜିଓନାଲ ଅଫିସରେ ଯୋଗ ଦେଲେ। ଆମ ସଂଗଠନର ୩୦ ବର୍ଷପୂର୍ତ୍ତି ପାଳନ ଅବସରରେ ୨୬-୨୭ଜାନୁୟାରୀ -୨୦୦୮ ରେ ଆମେ ଲେଖିଥିଲୁ, "୧୯୯୯ ସେପ୍ଟେମ୍ବରରୁ ଲଢ଼େଇ ଆରମ୍ଭ ହୋଇଛି। ଆଜି ଯାଏଁ ସରିନାହିଁ- କିନ୍ତୁ ଆମେ ରଣକ୍ଳାନ୍ତ ନୋହୁଁ କି ଥକି ଯାଇ ନାହୁଁ। ଆମେ ଏହି ଲଢ଼େଇର ଶେଷ ଦେଖିବାକୁ ଚାହୁଁ ଏବଂ ଆମେ ଦୃଢ଼ ନିଶ୍ଚିତ ଏ ଲଢ଼େଇରେ ଅନ୍ତିମ ବିଜୟ ଆମର ହିଁ ହେବ।" ଶେଷରେ ତାହାହିଁ ହେଲା। ଆମେ ହିଁ ଶେଷକଥା କହିଲୁ। ୨୦୦୯ ମାର୍ଚ୍ଚ ୮ରେ ଭୁବନେଶ୍ୱର ଲୁନଷ୍ଟିୟୁସନ୍ ଅଫ୍ ଇଂଜିନିଅରର୍ସ ରେ ବିଜୟ ସମାବେଶ ଅନୁଷ୍ଠିତ ହୋଇଥିଲା। ସେହି ସମାବେଶରେ ମଧ୍ୟ ଆମେ ଆହ୍ୱାନ ଦେଇଥିଲୁ ସଂଗଠନ କୁ ଆହୁରି ମଜବୁତ କରି କର୍ତ୍ତୃପକ୍ଷଙ୍କ ସମସ୍ତ ଅନ୍ୟାୟ ଓ ସରକାରଙ୍କର ସମସ୍ତ ଜନ ବିରୋଧୀ ନୀତି ବିରୋଧରେ ଲଢ଼େଇ କୁ ଆହୁରି ଜୋରଦାର କରିବା ପାଇଁ। ଆମେ ତାହାହିଁ କରି ଚାଲିଛୁ। ଆଜି ଏଠାରେ ଯାହା ଆଲୋଚନା କରିବା ତାହା ହେଉଛି ଆମ ସଦସ୍ୟମାନଙ୍କର ସଂଗଠନକୁ ବଞ୍ଚାଇବା ପାଇଁ ଲଢ଼େଇ, ଆନ୍ଦୋଳନ, ନିଷ୍ଠା ଏବଂ ଅପରିସୀମ ତ୍ୟାଗର ନିଦର୍ଶନକୁ। Union Bank Management ଓ ସେମାନଙ୍କର ହାତ ବାରସିମାନଙ୍କର ଶତ ଚେଷ୍ଟା ପରେ ବି ସଂଗଠନ ଅତୁଟ ରହିଛି । ସମସ୍ତ ପ୍ରଥାକୁ ଜଳାଂଜଳି ଦେଇ Management ସେମାନଙ୍କ ବୋଲକରା ସଂଗଠନ ସହ ALL India IR Meeting ଭୁବନେଶ୍ୱରର STC ରେ କରାଇଲେ। ତଥାପି କିଛି ଲାଭ ହେଲା ନାହିଁ। ସଂଗଠନ ଅତୁଟ ରହିଲା। ୧୯୯୯ ସେପ୍ଟେମ୍ବରରୁ ଲଢ଼େଇ ଆରମ୍ଭ ହୋଇଥିଲା। ୨୦୧୧ ମାର୍ଚ୍ଚରେ ସରିଲା

ସତ କିନ୍ତୁ ଆମେ ରଣକ୍ଳାନ୍ତ ନୋହୁଁ କି ଥକି ଯାଇ ନାହୁଁ। ଆମେ ସମସ୍ତ ଲଢ଼େଇର ଶେଷ ଦେଖିବାକୁ ଚାହୁଁ ଏବଂ ଆମେ ଦୃଢ଼ ନିଶ୍ଚିତ ଏ ଲଢ଼େଇରେ ଅନ୍ତିମ ବିଜୟ ଆମର ହିଁ ହେବ।

## ବିଗତ ୪୦ ବର୍ଷର ଲଢ଼େଇ ଓ ତ୍ୟାଗର ଶିକ୍ଷା

**ସାଥୀଗଣ,** ବିଗତ ୪୦ ବର୍ଷରେ ଆମର ସଭ୍ୟମାନେ ଯେଉଁ ଲଢୁଆ ମିଜାଜ ଓ ତ୍ୟାଗର ପରାକାଷ୍ଠା ଦେଖାଇଛନ୍ତି ତା'ର ପଟାନ୍ତର ନାହିଁ। କିନ୍ତୁ ଖାଲି ଲଢ଼େଇ ଓ ତ୍ୟାଗର ଜୟ ଜୟକାର କରିଲେ ଚଳିବ ନାହିଁ। ତାହା ଦ୍ୱାରା ବାହାଦୂରୀ ଦେଖାଇବା ହିଁ ସାର ହେବ। ତେଣୁ ବିଗତ ଦିନର ଲଢ଼େଇ ଆନ୍ଦୋଳନ ଓ ସାଥୀମାନଙ୍କର ଅସୀମ ତ୍ୟାଗରୁ ଶିକ୍ଷା ଲାଭ କରି, ସେହି ଶିକ୍ଷାକୁ ଆଧାର କରି କେମିତି ଆଗେଇବୁ, ସଂଗଠନକୁ ଆହୁରି ଐକ୍ୟବଦ୍ଧ ଓ ଶାଣିତ କରିବୁ ସେ ବାବଦରେ ଆପଣମାନେ ଗୁରୁତ୍ୱର ସହ ଚିନ୍ତା କରିବେ ଏବଂ ଆପଣଙ୍କ ମୂଲ୍ୟବାନ ମତାମତ ଉପସ୍ଥାପନ କରିବେ। କାରଣ ଏହି ୪୦ ବର୍ଷ ଭିତରେ ଏହାହିଁ ପ୍ରମାଣ ହୋଇଛି ଯେ, ଏକ ଶକ୍ତିଶାଳୀ ସଂଗଠନ ବିନା ଆମର କୌଣସି ଅସ୍ତିତ୍ୱ ନାହିଁ।

**ବନ୍ଧୁଗଣ,** ସଂଗଠନର ଏକତା ରକ୍ଷା କରିବା ସମସ୍ତ ସଭ୍ୟଙ୍କର କର୍ତ୍ତବ୍ୟ। ଯେଉଁଠି ସଂଗଠନ ଭାଙ୍ଗିବାର ପ୍ରୟାସ ହେଉଛି ସେଠି ସମସ୍ତ ସଭ୍ୟ ଆଗେଇ ଆସିବା ଦରକାର। କାରଣ ଆମେ ଯାହା ଅର୍ଜନ କରିଛେ, ତାହା ଆମର ଏକତା ବଳରେ। ସୁତରାଂ, ଏ ଏକତାକୁ ରକ୍ଷା କରିବା ଆମ ସମସ୍ତଙ୍କର ପରମ ଓ ଏକମାତ୍ର କର୍ତ୍ତବ୍ୟ। ଏହା କେବଳ କେତେକ ନେତାଙ୍କ କର୍ତ୍ତବ୍ୟ ନୁହେଁ। ତେଣୁ ଆମେ ଏ ଦିଗରେ ସଦାସର୍ବଦା ସଜାଗ ରହିବା ପାଇଁ ଆମେ ଶପଥ ନେବା।

**ସାଥୀଗଣ,** ଆମର ଦୁର୍ବଳତା ମଧ୍ୟ ଆଲୋଚିତ ହେବା ଦରକାର। କାରଣ ଦୁର୍ବଳତାକୁ ନ ଜାଣିଲେ ସବଳ ହୋଇପାରିବା ନାହିଁ। ଆମର ପ୍ରଥମ ଦୁର୍ବଳତା Unit-level ରେ regular ମିଟିଙ୍ଗ ନ ହେବା, ସଂଗଠନର ବାର୍ତ୍ତା ସମସ୍ତ ସଭ୍ୟଙ୍କୁ ନ ପହଞ୍ଚାଇ ପାରିବା, ଆନ୍ଦୋଳନର ଗୁରୁତ୍ୱକୁ ସଠିକ୍ ଭାବରେ ନ ବୁଝି ପାରିବା, ନିଜ ନିଜ ଭିତରେ ଲାଗିଥିବା ବିବାଦକୁ ସାଂଗଠନିକ ରୂପ ଦେବା ଇତ୍ୟାଦି। ଯଦି ଏ ସମସ୍ତ ଦୁର୍ବଳତାକୁ ଆମେ କାଟି ନ ପାରିବା ତାହା ହେଲେ ଆଗେଇ ପାରିବା ନାହିଁ। ତେଣୁ ଏ ସମାରୋହକୁ ଆପଣମାନଙ୍କୁ ଆହ୍ୱାନ, ଆପଣମାନେ ଏ ଦୁର୍ବଳତାକୁ କାଟିବାକୁ ଚେଷ୍ଟା କରନ୍ତୁ- ଯାହା ଫଳରେ ଆମ ସଂଗଠନ ଆହୁରି ଶକ୍ତିଶାଳୀ ହୋଇପାରିବ।

ଆଉ ଏକ ଗୁରୁତ୍ୱପୂର୍ଣ୍ଣ କର୍ତ୍ତବ୍ୟ ହେଉଛି ଜନସାଧାରଣଙ୍କ ସହ ସୁସମ୍ପର୍କ ରଖିବା ଓ ବିଭିନ୍ନ ଜନ ଆନ୍ଦୋଳନ ଓ ଜନସାଧାରଣଙ୍କ ସମସ୍ୟା ସହ ନିଜକୁ ଜଡିତ କରିବା। ବନ୍ଧୁଗଣ, ଆମର ଏକତାକୁ ବଜାୟ ରଖିବା, ଆନ୍ଦୋଳନକୁ ତୀବ୍ରତର କରିବା, ନିଜକୁ ସଚେତନ କରିବା, ଏହା ହିଁ ହେଉ ଆମର ଆଗାମୀ ଦିନର କର୍ତ୍ତବ୍ୟ ଏବଂ ଏହି ସମାରୋହରୁ ଆପଣମାନଙ୍କୁ ଆହ୍ୱାନ।

## କୃତଜ୍ଞତା ସ୍ୱୀକାର

ସାଥୀଗଣ, ଆମେ ଯଦି AIUBEF ନେତୃତ୍ୱ ପ୍ରତି ଆମର କୃତଜ୍ଞତା ସ୍ୱୀକାର ନ କରୁ ତାହାହେଲେ ଏହି ପ୍ରତିବେଦନ ଅସମ୍ପୂର୍ଣ୍ଣ ରହିଯିବ। ଆମ ସମସ୍ତଙ୍କର ପ୍ରିୟ ସାଥୀ ଶାନ୍ତି ବର୍ଦ୍ଧନ ଆମର ସଂଗଠନ କୁ ଆଗେଇ ନେବା ଓ ଶକ୍ତିଶାଳୀ କରିବା ଦିନରେ ଯେପରି ଭାବରେ ସଦା ସର୍ବଦା ସାହାର୍ଯ୍ୟ କରିଛନ୍ତି ତାହା ଭାଷାରେ ବର୍ଣ୍ଣନା କରିପାରିବୁ ନାହିଁ। ଆଜି ୮୬ ବର୍ଷ ବୟସରେ ଶଯ୍ୟାରେ ପଡ଼ିଥିବା ଅବସ୍ଥାରେ ଚୁପ ରହି ନ ପାରି ଏହି ସମାରୋହ ଓ ସମାବେଶର ସଫଳତା କାମନା କରି ବାର୍ତ୍ତା ପଠାଇଛନ୍ତି।

ଶେଷରେ ଭୁବନେଶ୍ୱରର ବିଭିନ୍ନ ଶାଖା ଓ ଅଫିସର ସାଥୀମାନେ ଯେପରି ଅକ୍ଲାନ୍ତ ପରିଶ୍ରମ କରି ଏ ସମାରୋହକୁ ସଫଳ କରାଇଛନ୍ତି ସେଥିପାଇଁ ସଂଗଠନ ତରଫରୁ ଅଭିବାଦନ ଜଣାଇବା ସଙ୍ଗେ ସଙ୍ଗେ ଆନ୍ତରିକ କୃତଜ୍ଞତା ଜଣାଉଅଛି ଏବଂ ରାଜ୍ୟର ସମସ୍ତ ୟୁନିଟ୍ ଓ ସଭ୍ୟମାନଙ୍କୁ ସେମାନେ ଯେଉଁ ଉତ୍ସାହ ସହକାରେ ବିଭିନ୍ନ ଅସୁବିଧା ଭିତରେ ପାଣ୍ଠି ସଂଗ୍ରହଠାରୁ ଆରମ୍ଭ କରି ଏହି ସମାରୋହରେ ବହୁ ସଂଖ୍ୟାରେ ଯୋଗଦେଇ ଏହି ସମାରୋହକୁ ସାଫଲ୍ୟ ମଣ୍ଡିତ କରିଛନ୍ତି ସେଥିପାଇଁ ଆମର ସମସ୍ତ ନେତୃତ୍ୱ ଓ ପ୍ରତିଟି ସଭ୍ୟଙ୍କୁ ଆନ୍ତରିକ କୃତଜ୍ଞତା, ଧନ୍ୟବାଦ ଓ ଅଭିନନ୍ଦନ ଜଣାଉଛି।

ଆମ ସଂଗଠନର ଏହି ୪୦ ବର୍ଷ ପୂର୍ତ୍ତି ସମାରୋହ ହେଉ ଆମର ଆଗାମୀ ଦିନର ସମସ୍ତ ଆନ୍ଦୋଳନ ଲଢ଼େଇର ଉତ୍ସ।

**ସଂଗ୍ରାମୀ ଅଭିନନ୍ଦନ ସହ**

**ପ୍ରଦୀପ ଷଡ଼ଙ୍ଗୀ**
ସଭାପତି

*ଭୁବନେଶ୍ୱର*
*ତା ୧୧-୦୮-୨୦୧୭ ରିଖ*

ଇନ୍‌କିଲାବ-ଜିନ୍ଦାବାଦ୍

**A.O.U.B.E.A-A.I.U.B.E.F-A.O.E.F-B.E.F.I-ଜିନ୍ଦାବାଦ୍**

ୟୁନିୟନ୍ ବ୍ୟାଙ୍କ କର୍ମଚାରୀ ଏକତା ଜିନ୍ଦାବାଦ୍

ବ୍ୟାଙ୍କ କର୍ମଚାରୀ ଏକତା ଜିନ୍ଦାବାଦ୍

ଶ୍ରମିକ କର୍ମଚାରୀ ଏକତା ଜିନ୍ଦାବାଦ୍